## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ଖଡ଼ିଆଳ,୨୭।୯ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବିରୀଘାଟ ପଞ୍ଚାୟତ ଗଦାପଦର ଗ୍ରାମରେ ଶୁକ୍ରବାର ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ପର୍ଶୁରାମ କଟା। ତାଙ୍କୁ ଚିକିତ୍ସା ପାଇଁ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପର୍ଶୁରାମ ଭୋର ସମୟରେ ନିଜ ଜମିକୁ ଯାଇଥିବା ବେଳେ ନିକଟ ଜଙ୍ଗଲରୁ ଚାଲିଆସିଥିବା ଭାଲୁ ହାବୁଡ଼ରେ ପଡ଼ିଥିଲେ। ଭାଲୁଟି ତାଙ୍କ ଡାହାଣ ଜଙ୍ଘକୁ କାମୁଡ଼ିଦେବାରୁ ଗଭୀର କ୍ଷତ ସୃଷ୍ଟି ହୋଇଛି। ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖଡ଼ିଆଳ ବନଖଣ୍ଡ ବିଭାଗ ଫରେଷ୍ଟର କନ୍ଦର୍ପ ସୁନାନୀ ଓ ନରେଶ ଦଣ୍ଡସେନା ଆସି ତଦନ୍ତ କରିଛନ୍ତି।

### ନର୍ସିଂ ଅଫିସରଙ୍କ ଧାରଣା ଦ୍ୱିତୀୟ ଦିନରେ

**ଖଡ଼ିଆଳ,୨୭।୯ (ସୁଜିତ କୁମାର ପ୍ରଧାନ):** ଓଡ଼ିଶା ନର୍ସିଂ ଅଫିସର କର୍ମଚାରୀ ସଂଘ ଡାକରାରେ ଖଡ଼ିଆଳ ଡାକ୍ତରଖାନାର ନର୍ସିଂ ଅଫିସରମାନେ ୧୦ଦଫା ଦାବି ନେଇ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଜରୁରିକାଳୀନ ସେବାକୁ ଛାଡ଼ି ଅନ୍ୟ ସବୁ କାର୍ଯ୍ୟ ବନ୍ଦ ରହିଥିବାରୁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହୋଇଛି। ପ୍ରମୁଖ ଦାବି ମଧ୍ୟରେ ୨୦୧୩ ପୂର୍ବରୁ ନିଯୁକ୍ତି ହୋଇଥିବା ନର୍ସିଂ ଅଫିସରଙ୍କ ୬ବର୍ଷ ଚୁକ୍ତି ଅବଧିକୁ ମୂଳ ଚାକିରୀରେ ମିଶାଇ ପଦୋନ୍ନତି, ଯୋଗ୍ୟ ନର୍ସିଂ ଅଫିସରଙ୍କୁ ବରିଷ୍ଠତା ଭିତ୍ତିରେ ସିନିୟର ନର୍ସିଂ ଅଫିସର ପଦବୀରେ ପଦୋନ୍ନତି, ସହକାରୀ ନର୍ସିଂ ଅଧୀକ୍ଷକ ପଦବୀରେ ପଦୋନ୍ନତି ଆଦି ଅନ୍ୟତମ। ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ କରାଯିବ ବୋଲି ଆନ୍ଦୋଳନରତ ନର୍ସିଂ ଅଫିସର ଚେତାବନୀ ଦେଇଛନ୍ତି।

### ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ଶିବିର

**ଖଡ଼ିଆଳ,୨୭।୯ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତ୍ରିଦିବସୀୟ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର କୁମାର ଅଗସ୍ତି, ବରିଷ୍ଠ ଶିକ୍ଷକ ମିଳନ କୁମାର ପଣ୍ଡା, ଦେବରାଜ ମହାନ୍ତି ପ୍ରମୁଖ ଯୋଗଦେଇ ଶିବିର ଆରମ୍ଭ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁଚରଣ ନାଏକ, ସହ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା ଶିକ୍ଷାର ମାନ ବୃଦ୍ଧି ସାଙ୍ଗକୁ ଛାତ୍ରୀଛାତ୍ର ଶିକ୍ଷା ପ୍ରତି ରୁଚି ରଖିବାକୁ ଆହ୍ୱାନ ଦେଇଥିଲେ। ପ୍ରଶିକ୍ଷକ ଭାବରେ ସିଲୁ ମହାନନ୍ଦ, କ୍ଷୀରୋଦ କୁମାର ଗହିର, ପ୍ରଫୁଲ୍ଲ କୁମାର ବେହେରା ଏବଂ ଅରୁଣ କୁମାର ନାଗ ଯୋଗଦେଇ ଶିକ୍ଷାର ଗୁଣବତ୍ତା ଉପରେ ଗୁରୁତ୍ୱ ଦେଇଥିଲେ।

### ଫସଲ ବିବିଧୀକରଣ ଉପରେ ତାଲିମ ଶିବିର

**ନୂଆପଡା,୨୭।୯(ମକାରୁ ବେମାଲ):** ସ୍ଥାନୀୟ ଏବିଟି ତାଲିମ ଗୃହରେ କୃଷି ବିଭାଗ ନୂଆପଡ଼ାଙ୍କ ପକ୍ଷରୁ ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧିକରଣ ଉପରେ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଜିଲା କୃଷି ଅଧିକାରୀ ନୂଆପଡ଼ା ବାବୁଲି ଚରଣ ସେଠୀ ମୁଖ୍ୟ ଅତିଥି ଓ ମେଗା ଉଠାଜଳସେଚନ ପ୍ରକଳ୍ପ ରାଜ୍ୟ ୟୁନିଟରେ ପ୍ରକଳ୍ପ ପରିଚାଳକ ଡ. ରବିନ୍ଦ୍ର ପାଇକରାୟ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ରବିନ୍ଦ୍ର କୁମାର ପଣ୍ଡା, ଭାରପ୍ରାପ୍ତ ସହକାରୀ ଜିଲା କୃଷି ଅଧିକାରୀ ଖଡିଆଳ ଦୀପ୍ତିମୟୀ ବାରିକ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅଶୋକ ତୁମରା, କେଭିକେର ବରିଷ୍ଠ ବୈଜ୍ଞାନିକ ଲଖନଲାଲ ମିନା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଦର୍ଶାଇଥିଲେ, ଜିଲାର ୪ ବ୍ଲକରେ ଏହି ପ୍ରକଳ୍ପ କାର୍ଯ୍ୟ କରିଆସୁଛି । ବୃହତ୍ ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ମରୁଡି ପ୍ରଭାବିତ ଅଞ୍ଚଳରେ ଚାଷୀଙ୍କୁ ପାଣି ଦେବାର ବ୍ୟବସ୍ଥା ହୋଇଛି। ମୁଖ୍ୟତଃ ଢିପ ଓ ମଧ୍ୟମ ଜମିକୁ ଖରିଫ ଋତୁରେ ଜଳସେଚନ ସୁବିଧା କରିବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଏହି ପ୍ରକଳ୍ପ ଅଞ୍ଚଳରେ ଧାନରୁ ଅଣଧାନ ଫସଲ କରିବା ପାଇଁ ସରକାର ୩ବର୍ଷ ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ବ୍ୟବସ୍ଥା କରିଛନ୍ତି। ଗତବର୍ଷ ୮୯୦୩ ଜଣ ଚାଷୀଙ୍କୁ ୫,୨୧,୨୩୦୦୦ ଟଙ୍କା ରାଶି ଯୋଗାଇ ଦିଆଯାଇଛି। ଚଳିତବର୍ଷ ୬ ହଜାର ହେକ୍ଟର ଜମିରେ ଅଣଧାନ ଚାଷ ହୋଇଥିବା ସୂଚନା ପ୍ରଦାନ କରିଥିଲେ।

# କଳାହାଣ୍ଡିରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଉ

**ଭବାନୀପାଟଣା, ୨୭।୯(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବି ଜୋର ଧରିଛି। ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପାଇଁ କଳାହାଣ୍ଡି ହିଁ ପ୍ରକୃଷ୍ଟ ସ୍ଥାନ। ଏ ଦିଗରେ ବିଚାର କରିବାକୁ ଶୁକ୍ରବାର କଳାହାଣ୍ଡି କୃଷି ବିଶ୍ୱବିଦ୍ୟାଳୟ କ୍ରିୟାନୁଷ୍ଠାନ କମିଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କବି ଡ. ଭବାନୀ ଶଙ୍କର ନିଆଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରଓ୍ୱାନଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

ସେମାନେ ଏଥିରେ ଦର୍ଶାଇଛନ୍ତି, ଚାଉଳ ଓ କପାର ବୃହତ ଉତ୍ପାଦନକାରୀ ଜିଲା ରୂପେ ମାନ୍ୟତା ପାଇଛି କଳାହାଣ୍ଡି। କୃଷି ଭିତ୍ତିଭୂମି ଥିବା ଜିଲାରେ କୃଷି ସମ୍ବନ୍ଧିତ ଉଚ୍ଚଶିକ୍ଷା ଓ ଗବେଷଣା ପାଇଁ କୃଷି ମହାବିଦ୍ୟାଳୟ ଓ କୃଷି ବିଜ୍ଞାନ କେନ୍ଦ୍ର ରହିଛି। ଏ ଦୃଷ୍ଟିରୁ କଳାହାଣ୍ଡିରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଦାବି ହୋଇଆସୁଛି। ଏଥିପାଇଁ ବିଭିନ୍ନ ରାଜନୈତିକ ଓ ସାମାଜିକ ସଂଗଠନର



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

- ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଲା କ୍ରିୟାନୁଷ୍ଠାନ କମିଟି
- ଦାବି ପୂରଣ ନ ହେଲେ ଆନ୍ଦୋଳନ

କର୍ମକର୍ତ୍ତାଙ୍କୁ ନେଇ ଗଠିତ ହୋଇଥିଲା କଳାହାଣ୍ଡି କୃଷି ବିଶ୍ୱବିଦ୍ୟାଳୟ କ୍ରିୟାନୁଷ୍ଠାନ କମିଟି। ଏହି କମିଟି ନେତୃତ୍ୱରେ ୨୦୧୫ରୁ ଦାବି କରାଯିବା ସହିତ ସେତେବେଳେ ୪୮ଘଣ୍ଟିଆ ସର୍ବଦଳୀୟ ଗଣଧାରଣା ଦିଆଯାଇଥିଲା। କେବିକେର କେନ୍ଦ୍ରସ୍ଥଳୀ କଳାହାଣ୍ଡି ହୋଇଥିବାବେଳେ କୃଷିପ୍ରଧାନ ଏହି ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସର୍ବୋତ୍ତମ ସ୍ଥାନ। କୃଷି କ୍ଷେତ୍ରରେ ଏହି ଜିଲା ବାର୍ଷିକ ୭ ହଜାର କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ପାଉଛି। କଳାହାଣ୍ଡି ବିଶ୍ୱସ୍ତରୀୟ କପା ଉତ୍ପାଦନ କରି ଦେଶ ବାହାରକୁ ରପ୍ତାନୀ କରୁଛି। ଏଠାରେ ବର୍ଷକରେ ୫୦୦କୋଟି ଟଙ୍କାର କପା ଉତ୍ପାଦନ ହେଉଥିବାବେଳେ ମହାରାଷ୍ଟ୍ର, ଗୁଜରାଟ ଓ ଛତିଶଗଡ଼ ସମେତ ଅନ୍ୟ ରାଜ୍ୟରେ କଳାହାଣ୍ଡି କପାର ଚାହିଦା ବୃଦ୍ଧି ପାଇଛି। ଆବଶ୍ୟକ କୃଷି ଭିତ୍ତିଭୂମି ଥିବା ଯୋଗୁ କୃଷି ବିଶ୍ୱବିଦ୍ୟାଳୟ ଆଜି ସମୟର ଆବଶ୍ୟକତା। ଅନ୍ୟପକ୍ଷରେ ଓୟୁଏଟିର ଫିଜିବିଲିଟି ରିପୋର୍ଟ ଆଧାରରେ ବିଚାର କରାଗଲେ ଭବାନୀପାଟଣାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଅନୁକୂଳ ବାତାବରଣ ରହିଛି। ଏଣୁ ରାଜ୍ୟ ସରକାର ଜିଲାବାସୀଙ୍କ ଦୀର୍ଘ ଦିନର ଦାବିକୁ ଗୁରୁତ୍ୱ ଦେଇ ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନେବାକୁ କମିଟି ଦାବି କରିଛି। ସରକାର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ ହେବ ବୋଲି କମିଟି ଅଧ୍ୟକ୍ଷ ଡ. ନିଆଲ ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଡ. ନିଆଲଙ୍କ ସମେତ ବରିଷ୍ଠ ବିଜେଡି ନେତା ଟିକେଲାଲ ସାହୁ, ବରିଷ୍ଠ କଂଗ୍ରେସ ନେତା ଉତ୍ସବ ସାହୁ ସାମିଲ ଥିଲେ। ନିରୋଜ ପଟ୍ଟନାୟକ, ପ୍ରଦୀପ କୁମାର ଦାସ, ଧ୍ୟାନାନନ୍ଦ ପଣ୍ଡା, ଦେବୀ ପ୍ରସାଦ ସିନ୍ଦୂର, ପରମାନନ୍ଦ ମାଝି, ସୁଶୀଲ କୁମାର ବାଗ, ଧବଳେଶ୍ୱର ମାଝି, ଶାନ୍ତି ସ୍ୱରୂପ ପଣ୍ଡା, ସୀତାରାମ ନାୟକ ପ୍ରମୁଖ ଦାବି ଯଥାର୍ଥ କରି ସମର୍ଥନ ଜଣାଇଛନ୍ତି।

# ଗ୍ରାମୀଣ ସ୍ୱଚ୍ଛତାରେ ନୂଆପଡ଼ା ଜିଲା ପୁରସ୍କୃତ



ଜିଲାପାଳ ପୁରସ୍କାର ଗ୍ରହଣ କରୁଛନ୍ତି।

**ନୂଆପଡ଼ା,୨୭।୯ (ମକାରୁ ବେମାଲ)**

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଆନୁକୂଲ୍ୟରେ ରାଜ୍ୟର ସମସ୍ତ ଜିଲାର ଗ୍ରାମୀଣ କ୍ଷେତ୍ରକୁ ନେଇ ସର୍ବେକ୍ଷଣ କରାଯାଇଥିଲା। ଏଥିରେ ନୂଆପଡ଼ା ଜିଲା ଉତ୍କର୍ଷତା ପ୍ରତିପାଦନ କରି ପୁରସ୍କୃତ ହୋଇଛି। ସେହିପରି ପଞ୍ଚାୟତ ସ୍ତରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୂଆପଡ଼ା ସଦର ବ୍ଲକ ଭାଲେଶ୍ୱର ପଞ୍ଚାୟତ ପୁରସ୍କୃତ ହୋଇଛି। ଏହି ଅବସରରେ ପୁରୀ ଜିଲା ବୀର ରାମଚନ୍ଦ୍ରପୁର ପଞ୍ଚାୟତରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରୀ ସି.ଆର୍ ପାଟିଲ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ବିଭାଗୀୟ ପ୍ରମୁଖ ସଚିବ ସୁଶୀଲ ଲୋହାନି ପ୍ରମୁଖ ଉପସ୍ଥିତ ରହି ଉତ୍କର୍ଷତା ଲାଭ କରିଥିବା ଜିଲା ଓ ପଞ୍ଚାୟତକୁ ପୁରସ୍କୃତ କରିଥିଲେ। ନୂଆପଡ଼ା ଜିଲାରୁ ଜିଲାପାଳ ମଧୁସୂଦନ ଦାଶ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ପାନୀୟଜଳ ପରିମଳ ବିଭାଗର ଅନିଲ ଲେଙ୍କା, ପ୍ରଭୁଦତ୍ତ ବାବୁ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଭାଲେଶ୍ୱର ପଞ୍ଚାୟତର ସରପଞ୍ଚ ସରୋଜ ଦେବୀ ଅଗ୍ରୱାଲ ଉପସ୍ଥିତ ରହି ସମ୍ମାନଜନକ ପଞ୍ଚାୟତ ପୁରସ୍କାର ଗ୍ରହଣ କରିଥିଲେ।

# ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ଫୁଲବଡି



ଫୁଲବଡି ତିଆରିରେ ମଗ୍ନ ମହିଳା ଗୋଷ୍ଠୀ ସଦସ୍ୟା।

**ବେହେରା,୨୭।୯(ଭୂପେଶ ତିୱାରୀ)**

ଫୁଲବଡି ତିଆରି କରି ସ୍ୱାବଲମ୍ବୀ ହୋଇଛନ୍ତି କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳର ବେହେରା ଗ୍ରାମର ରମାଦେବୀ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା। ୧୯୯୦ରୁ ୧୧ ଜଣ ମହିଳା ରମାଦେବୀ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ସ୍ୱାବଲମ୍ବୀ ହେବାକୁ ବିଭିନ୍ନ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ପରେ ଜଳବିଭାଜିକା ପ୍ରକଳ୍ପ ସହଯୋଗରେ ଫୁଲବଡି ପ୍ରସ୍ତୁତି ପ୍ରଣାଳୀ ତାଲିମ ନେଇଥିଲେ। ନିଜର ଦୃଢ ଇଚ୍ଛାଶକ୍ତି ବଳରେ ସେମାନେ ଆରମ୍ଭ କରିଥିଲେ ଫୁଲବଡି ପ୍ରସ୍ତୁତି କାର୍ଯ୍ୟ। ଏଥିପାଇଁ ଜଳଛାୟା ପ୍ରକଳ୍ପ ସେମାନଙ୍କୁ ୭୦୦୦ ଟଙ୍କା ଅନୁଦାନ ରାଶି ଦେଇଥିଲା। ସେତିକିରେ ବଡି ତିଆରି ସାମଗ୍ରୀ କ୍ରୟ କରି ଆରମ୍ଭ କରିଥିଲେ ବ୍ୟବସାୟ। ବର୍ତ୍ତମାନ ଏହି ବ୍ୟବସାୟ ସେମାନଙ୍କୁ ସଫଳତା ଦେଇଛି। ବେହେରା ସାପ୍ତାହିକ ହାଟରେ ସେମାନେ ଫୁଲବଡି ବିକ୍ରି କରି ଅଧିକ ଲାଭ ପାଇଲେ। ସେମାନଙ୍କ ତିଆରି ଫୁଲବଡିର ବେହେରା ବଜାରରେ ବେଶ ଚାହିଦା ରହିଛି। ଘରେ ଆର୍ଥିକ ସମସ୍ୟା ଆଉ ରହୁ ନ ଥିବା ସେମାନେ ପ୍ରକାଶ କରନ୍ତି। ତାଙ୍କୁ ଅନୁସରଣ କରି ଏହି ଅଞ୍ଚଳର ଅନେକ ମହିଳା ଏହି ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ରମାଦେବୀ ମହିଳା ଗୋଷ୍ଠୀ ଅନ୍ୟ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ଏତଦ୍‌ବ୍ୟତୀତ ଏହି ମହିଳା ସଂଗଠନ ଗ୍ରାମରେ ବେଆଇନ ମଦ ବିକ୍ରି ବିରୋଧରେ ଆନ୍ଦୋଳନ କରିବା, ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇ ଗ୍ରାମ ପରିବେଶ ପରିଷ୍କାର ରଖିବା ଭଳି କାର୍ଯ୍ୟ ଚାଲୁ ରଖିଛନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀର ଏପରି କାର୍ଯ୍ୟକୁ ନେଇ ଗ୍ରାମବାସୀ ମଧ୍ୟ ବେଶ୍ ଖୁସି ଥିବା କହିଛନ୍ତି।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**କର୍ଲାମୁଣ୍ଡା/ତୁଣ୍ଡଲା,୨୭।୯ (ପ୍ରଦୀପ କୁମାର ସାହୁ/ଫିରୋଜ କୁମାର ଦାସ)**

ଭାରତ ସରକାର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନସ୍ଥ ମୋ ଭାରତ କଳାହାଣ୍ଡି ଶାଖା ଆନୁକୂଲ୍ୟରେ ତଥା କର୍ଲାମୁଣ୍ଡା ବ୍ଲକ ଭୋଇରମୁଣ୍ଡାର ଗଜାନନ ଯୁବକସଂଘ ସହଯୋଗରେ ଶୈବପୀଠ ବେଲଖଣ୍ଡିଠାରେ ସଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଯାଇଛି।ନେହେରୁ ଯୁବକେନ୍ଦ୍ର ଲେଖାପାଳ ଦୁତୀୟା ବନଛୋର ସଭାପତିତ୍ୱ କରିଥିଲେ। ଜିଲା ଯୁବ ଅଧିକାରୀ ପ୍ରସନ୍ନ କୁମାର ମେହେର ମୁଖ୍ୟଅତିଥି ଓ ବେଲଖଣ୍ଡି ଧବଳେଶ୍ୱର ପୀଠ ପରିଚାଳନା କମିଟି ସଭାପତି ପ୍ରାର୍ଥବୀର ସେଲମା, ସମ୍ପାଦକ ପ୍ରଦୀପ ଦୋରା, ବେଲଖଣ୍ଡି ଗ୍ରାମ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ଘନଶ୍ୟାମ ଭୋଇ, ସମାଜ ସେବୀ ହେମସାଗର ସାହୁ, ଗଜାନନ ଯୁବକ ସଂଘ ସଭାପତି ଗିରଧାରୀ ସାହୁ, ସମ୍ପାଦକ ଅଶୋକ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମନ୍ଦିର ପ୍ରାଙ୍ଗଣ, ପର୍ଯ୍ୟଟନ ସ୍ଥଳୀ ସଫେଇ କରିଥିଲେ। ପରେ ଘରଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସ୍ୱଚ୍ଛ ଭାରତ ସୁସ୍ଥ ଭାରତ ଗଢି ତୋଳିବାକୁ ଶପଥ ପାଠ କରଥିଲେ।

# ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ପ୍ରସ୍ଫୁଟିତ କରିବ ସୁରଭି

**କୋକସରା,୨୭।୯ (ଦୁଷ୍ମନ୍ତ କୁମାର ପାଇଯୋଷୀ)**

ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ଶିଶୁ ମହୋତ୍ସବ ସୁରଭି ଆୟୋଜନ କରାଯାଉଛି। ଶୁକ୍ରବାର କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ କୋକସରା କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୋଡାଲ ସିଆର୍‌ସିସି ବୈକୁଣ୍ଠ ଜାଲଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ବିଇଓ ଉ୍ରଶ୍ମିତା ନେତମ, ମୁଖ୍ୟ ବକ୍ତା ଭାବେ ଏବିଇଓ ତଥା ବିଆର୍‌ସିସି ତୋଫାନ ମାଝି, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ଠାକୁର, ଦୁର୍ଯୋଧନ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ର ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଶେଷରେ ଶିକ୍ଷକ ମଧୁସୂଦନ ପୁଞ୍ଜି ଧନ୍ୟବାଦ ଅର୍ପଣ କରିଥିଲେ।

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସମ୍ରାଟ ପାତ୍ର ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟ ବିତର୍କ, ବକ୍ତୃତା, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ସୁନ୍ଦର ହସ୍ତାକ୍ଷର, ଚିତ୍ରକଳା, ଶିଳ୍ପକଳା ଆଦି ପ୍ରତିଯୋଗିତା ହୋଇଥିଲା।

**ସିନାପାଲି/ବୋଡ଼େନ (ମନଫୁଲ ମେହେର/ଟିକେଶ୍ୱର ନାଗ):**

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ବାବେବୀର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। କ୍ଲଷ୍ଟର ସଂଯୋଜକ ମଧୁସୂଦନ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାବେବୀର ସରପଞ୍ଚ ଯୁଗେଶ୍ୱର ପାଣ୍ଡେ ମୁଖ୍ୟଅତିଥି ଓ ମହାବୀର ଯୋଷୀ, ଜିତେନ୍ଦ୍ର ହଂସ, ମକରଧ୍ୱଜ ଜଗତ, ରାଧେଶ୍ୟାମ ଦତ୍ତ, ବିଜୟ କୁମାର ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଡିସମ୍ବର ମେହେର ଓ ମକରଧ୍ୱଜ ଜଗତ ପରିଚାଳନା କରିଥିବାବେଳେ ଶିକ୍ଷକ ହେମନ୍ତ ସତନାମୀ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ସିନାପାଲି ବ୍ଲକ ଗୋ ଗମ୍ଭାରୀଗୁ ଓ ସିଙ୍ଗଝର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଯଥାକ୍ରମେ ଗୋ ବରଗାଁ ଓ ପେଣ୍ଡରେନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ରହି ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା, ତର୍କ, କୁଇଜ୍ ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସିଆରସିସି ସୁଶିଲ ଯୋଷୀଙ୍କ ତତ୍ତ୍ୱାବଧାନରେ ଗୋଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ପଟେଲ ମୁଖ୍ୟଅତିଥି, ବୈଷ୍ଣବ ମେହେର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଅରୁଣ କୁମାର ଯୋଷୀ, ଶିବ ପ୍ରସାଦ ମେହେର ଯୋଗ ଦେଇଥିଲେ। ସେହିଭଳି ବରଗାଁଠାରେ ସିଆର୍‌ସିସି ସୁଦର୍ଶନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏବିଇଓ ପ୍ରଶାନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ପ୍ରସନ୍ନ କୁମାର ମାଝି ମୁଖ୍ୟବକ୍ତା ଓ ମନ୍ଦାକିନୀ ବଘେଲ, ଯାଜ୍ଞସେନୀ କଟା, ତ୍ରିଲୋଚନ ଚିନ୍ଦା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

**ତୁଣ୍ଡଲା (ଫିରୋଜ କୁମାର ଦାଶ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତର ଘାସିରାମ ଦୋରା ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ପଥରଖଣ୍ଡି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଘନଶ୍ୟାମ ଭୋଇ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁଷ୍ପଧ୍ୱଜ ବାଗ ମୁଖ୍ୟ ଅତିଥି, ଧନଞ୍ଜୟ ରଣା ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ଏଥିରେ ୧୫ ବିଦ୍ୟାଳୟର ଛାତ୍ରୀଛାତ୍ର ଚିତ୍ରାଙ୍କନ, ବକ୍ତୃତା, ବିତର୍କ, ଶୃତଲିଖନ, ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଭାଲୁଡୁଙ୍ଗୁରି ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭୋଜରାଜ ନାଏକ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

# ଜିଲାସ୍ତରୀୟ ଯକ୍ଷ୍ମା ପ୍ରତିଷେଧକ ଟିକାକରଣ ଶୁଭାରମ୍ଭ

**ଭବାନୀପାଟଣା,୨୭।୯ (ଉତ୍ତମ କୁମାର ଦାଶ)**

ଭବାନୀପାଟଣା ସହରସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଗୁରୁବାର ଜିଲାସ୍ତରୀୟ ଯକ୍ଷ୍ମା (ବୟସ୍କ ବିସିଜି) ପ୍ରତିଷେଧକ ଟିକାକରଣ ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ (ସାଧାରଣ)ତନ୍ମୟ କୁମାର ଦରଓ୍ୱାନଙ୍କ ଅଧ୍ୟକ୍ଷତାରେ ଏହା ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ମାସର ସମସ୍ତ ସୋମବାର, ମଙ୍ଗଳବାର ଓ ଗୁରୁବାର ଜିଲାର ମୋଟ ୨ ଲକ୍ଷ ୯୩ ହଜାର ୨୮୯ ହିତାଧିକାରୀଙ୍କୁ ୨୬୦ ଟିକାକରଣ କେନ୍ଦ୍ରରେ ଟିକା ଦିଆଯିବା ବ୍ୟବସ୍ଥା କରାଯାଇଛି। ଯୋଗ୍ୟତା ନିର୍ଦ୍ଦେଶାବଳୀ ଅନୁଯାୟୀ ଯକ୍ଷ୍ମା ରୋଗର ଅତୀତ ଇତିହାସ (ଶେଷ ୫ ବର୍ଷ), ଯକ୍ଷ୍ମା ରୋଗୀଙ୍କ ସମ୍ପର୍କ (ଗତ ୩ବର୍ଷ), ମଧୁମେହ ବ୍ୟକ୍ତି, ୧୮ବର୍ଷରୁ କମ, ଧୂମପାନକାରୀ, ୬୦ ବର୍ଷରୁ ଅଧିକ ସମସ୍ତ ବ୍ୟକ୍ତି ଟିକା ନେଇପାରିବେ। ସେହିପରି ୧୮ ବର୍ଷରୁ କମ ବ୍ୟକ୍ତି, ଗର୍ଭବତୀ ଓ ପ୍ରସୂତି ମହିଳା, ୩ ମାସ ମଧ୍ୟରେ ରକ୍ତ ନେଇଥିବା ବ୍ୟକ୍ତି, କୌଣସି ଟିକା ବା ବିସିଜି ନେଇ ପାର୍ଶ୍ୱପ୍ରତିକ୍ରିୟା ହୋଇଥିବା, ଅଙ୍ଗପ୍ରତ୍ୟଙ୍ଗ ରୋପଣ ହୋଇଥିବା, ଏଚ୍‌ଆଇଭି. ସଂକ୍ରମିତ ବ୍ୟକ୍ତି, ଅସୁସ୍ଥ ବ୍ୟକ୍ତି ଟିକା ନେଇପାରିବେ ନାହିଁ। କାର୍ଯ୍ୟକ୍ରମରେ ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ତଥା ଅଧ୍ୟକ୍ଷ ଡାକ୍ତର ବସନ୍ତ କୁମାର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଚେତା ପାଣି, ଡିପିଏଚ୍‌ଓ ଡାକ୍ତର ରାକେଶ କୁମାର ସାହୁ, ଏଡିପିଏଚ୍‌ଓ (ପରିବାର କଲ୍ୟାଣ) ଡାକ୍ତର ଦେବୀ ପ୍ରସାଦ ମହାପାତ୍ର, ଏଡିପିଏଚ୍‌ଓ (ଟିବି) ଡାକ୍ତର ନିହାରେନ୍ଦ୍ର କୁମାର ପଣ୍ଡା, ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ସିଡିଏମ୍ ଓ ପିଏଚ୍‌ଓ ସଂଘମିତ୍ରା ପ୍ରଧାନ, ଡିପିଏମ୍ ଭବାନୀ ଶଙ୍କର ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ଯକ୍ଷ୍ମା ପ୍ରତିଷେଧକ ଟିକାକରଣ ଶୁଭାରମ୍ଭ କରାଯାଉଛି।

**୨,୯୩,୨୮୯ ହିତାଧିକାରୀଙ୍କୁ ଟିକା ଦେବା ଲକ୍ଷ୍ୟ**

# ଜନ୍ମଗତ ହୃଦ୍‌ରୋଗ ଆକ୍ରାନ୍ତ ଶିଶୁଙ୍କ ପାଇଁ ବରଦାନ

**କଳାହାଣ୍ଡିରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ**

**ଭବାନୀପାଟଣା,୨୭।୯ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ମାଧ୍ୟମରେ ଜନ୍ମରୁ ୧୮ବର୍ଷ ଶିଶୁଙ୍କ ପାଇଁ ମାଗଣା ହୃଦ୍‌ରୋଗ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ତଥା ଆଖପାଖ ଜିଲାର ବିଭିନ୍ନ ବ୍ଲକରୁ ସମୁଦାୟ ୧୦୫ ଜଣ ଶିଶୁ ଚିକିତ୍ସା ପାଇଁ ଆସିଥିଲେ। ଆର୍‌ବିଏସ୍‌କେ ଦ୍ୱାରା ଅନୁବନ୍ଧିତ ନାରାୟଣ ହୃଦାଳୟ ମୁମ୍ବାଇର ଅଭିଜ୍ଞ ହୃଦରୋଗ ବିଶେଷଜ୍ଞ ଡା. ସୁପ୍ରତିମ ସେନ ଓ ତାଙ୍କ ଟିମ୍ ସହଯୋଗରେ ଶିବିର ଆୟୋଜିତ ହୋଇଥିଲା। କଳାହାଣ୍ଡି ଜିଲାରେ ଏପରି ଶିବିର ମାଧ୍ୟମରେ ମୋଟ ୪୫୨ ଜଣ ଶିଶୁଙ୍କୁ ସଫଳ ଚିକିତ୍ସା ହୋଇପାରିଛି। କ୍ୟାମ୍ପରେ ପଞ୍ଜୀକୃତ ୧୦୫ ଜଣଙ୍କ ମଧ୍ୟରୁ ୫୩ ଜଣ ଗୁରୁତର ଶିଶୁଙ୍କୁ ଅସ୍ତ୍ରୋପଚାର ପାଇଁ ମୁମ୍ବାଇସ୍ଥିତ ଏସ୍‌ଆର୍‌ସିସି ଚିଲଡ୍ରେନ ହସ୍ପିଟାଲକୁ ପଠାଇବା ପାଇଁ ନିଶ୍ଚିତ କରାଯାଇଛି। ରୋଗୀ ଓ ସେମାନଙ୍କ ସହାୟକଙ୍କ ପରିବହନଠାରୁ ଆରମ୍ଭ କରି ସମସ୍ତ ଚିକିତ୍ସା ଖର୍ଚ୍ଚ ଆର୍‌ବିଏସ୍‌କେ ବହନ କରିବ। ପଶ୍ଚିମ ଓଡ଼ିଶାରେ ହୃଦରୋଗ ବିଶେଷଜ୍ଞଙ୍କ ଅଭାବରୁ ଅନେକ ଶିଶୁ ହୃଦ୍‌ରୋଗୀ ଚିହ୍ନଟ ହୋଇ ପାରୁ ନ ଥିଲେ। କିନ୍ତୁ ଆର୍‌ବିଏସ୍‌କେ ମାଧ୍ୟମରେ ହେଉଥିବା ସ୍ୱାସ୍ଥ୍ୟ ଶିବିର ଏହି ଅଭାବକୁ ଦୂରୀଭୂତ କରି ଉତ୍ତମ ଚିକିତ୍ସା ଦେବାରେ ସହାୟକ ହୋଇପାରିଛି। ହୃଦରୋଗୀ ଶିଶୁଙ୍କ ପାଇଁ ଏହା ବରଦାନ ସାଜିଛି ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଚେତା ପାଣି, ଉପଚିକିତ୍ସାଧିକାରୀ ଡା. ଦେବୀ ପ୍ରସାଦ ମହାପାତ୍ର, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ କୃଷ୍ଣ ଚନ୍ଦ୍ର ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଷ୍ଟେଟ ସ୍କୁଲ ହେଲଥ୍ କୋଅର୍ଡିନେଟର ପ୍ରଶାନ୍ତ ଦାସ, ନାରାୟଣ ହୃଦାଳୟର କର୍ମକର୍ତ୍ତା ସମେତ ମୋବାଇଲ ହେଲଥ୍ ଟିମର ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି ପରିଚାଳନା କରିଥିଲେ।




ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଅତିଥିଗଣ।

# ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ

- ବୁଢାରଜା ଛକରେ ଟ୍ରାଫିକ୍ ପୋଷ୍ଟ ନିର୍ମାଣକୁ ଗୁରୁତ୍ୱ
- ପେଟ୍ରୋଲ ପମ୍ପରେ ହେଲମେଟ୍ ଚେକିଂ କରିବ ସ୍ୱତନ୍ତ୍ର କମିଟି
- ସୁବର୍ଣ୍ଣପୁରରେ ସଡ଼କ ସୁରକ୍ଷା କମିଟି ବୈଠକ

ସୋନପୁର,୨୭।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସଡ଼କ ସୁରକ୍ଷା କମିଟିର ବୈଠକ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ବୈଠକ ସମ୍ପର୍କରେ ସୂଚନା ଦେବା ସହ ଗତ ଜାନୁଆରୀରୁ ଅଗଷ୍ଟ ମଧ୍ୟରେ ଜିଲାରେ ୩୪ଟି ଦୁର୍ଘଟଣା ଘଟିଥିବାବେଳେ ୩୫ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ଜିଲାରେ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସଂଖ୍ୟାକୁ ଆହୁରି ହ୍ରାସ କରିବା ପାଇଁ ଜେନା ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଅତିରିକ୍ତ ଜିଲାପାଳ କହିଥିଲେ, ମଣିଷ ଜୀବନ ବହୁ ମୂଲ୍ୟବାନ। କିନ୍ତୁ ସାମାନ୍ୟ ଅସାବଧାନତା କାରଣରୁ ଦୁର୍ଘଟଣା ଘଟୁଛି। ଏଥିପାଇଁ ସଡକ ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚିବା ଉଚିତ ବୋଲି ସେ ମତ ଦେଇଥିଲେ। ତେବେ ବଲାଙ୍ଗୀର ଜାତୀୟ ରାଜପଥ



ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ସଡକ ସୁରକ୍ଷା କମିଟିର ସଦସ୍ୟମାନେ।

ପ୍ରାଧିକରଣର ନିର୍ବାହୀ ଯନ୍ତ୍ରୀ, ସୁବର୍ଣ୍ଣପୁର ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ପୌର ନିର୍ବାହୀ ଅଧିକାରୀ ନିଜେ କିମ୍ବା ତାଙ୍କ କାର୍ଯ୍ୟାଳୟରୁ କୌଣସି ଅଧିକାରୀ ବୈଠକରେ ଯୋଗ ନ ଦେବା ନେଇ ଅତିରିକ୍ତ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ସମ୍ପୃକ୍ତ ଅଧିକାରୀଙ୍କୁ କୈଫିୟତ ମାଗିବା ପାଇଁ ନିଷ୍ପତ୍ତି ହୋଇଥିଲା। ବାରମ୍ବାର ଆଲୋଚନା ପରେ ବି ପଟାଭାଡି ଛକ, ବ୍ଲକ ଛକ, ବୁଢାରଜା ଛକ ଓ ନଳିନୀ ଛକରେ ସିସି କ୍ୟାମେରା ସଂଯୋଗ ହୋଇ ନ ପାରିବା ନେଇ କମିଟିର ସଭ୍ୟାସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ବୁଢାରଜା ଛକରେ ଟ୍ରାଫିକ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

ଦୁର୍ଗାପୂଜା ପୂର୍ବରୁ ଏଠାରେ ଟ୍ରାଫିକ୍ ପୋଷ୍ଟ ନିର୍ମାଣ ପାଇଁ ମତପ୍ରକାଶ ପାଇଥିଲା। ମଦ୍ୟପାନ କରି ଗାଡ଼ି ଚଳାଇବା ଓ ବାଇକ ଆରୋହୀ ହେଲମେଟ୍ ପରିଧାନ ନ କରିବା ଯୋଗୁ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ବଢ଼ିଛି। ଏଥିପାଇଁ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ହେଲମେଟ ଚେକିଂକୁ କଡାକଡି କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ନୋ ହେଲମେଟ୍ ନୋ ପେଟ୍ରୋଲ ନିୟମକୁ ଠିକ୍ ଅନୁପାଳନ କରାଯାଉନି। ପେଟ୍ରୋଲ ପମ୍ପ ମାଲିକମାନେ ଏଥିରେ ସହଯୋଗ କରୁ ନ ଥିବା ଅଭିଯୋଗ ହୋଇଥିଲା। ତେଣୁ ଯୋଗାଣ, ରାଜସ୍ୱ, ପୋଲିସ ଓ ପରିବହନ ବିଭାଗର କର୍ମଚାରୀଙ୍କୁ ନେଇ ଏକ କମିଟି ଗଠନ କରିବା ପାଇଁ ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ। ଏହି କମିଟି ପେଟ୍ରୋଲ ପମ୍ପଗୁଡିକରେ ପହଞ୍ଚି ନୋ ହେଲମେଟ୍ ନୋ ପେଟ୍ରୋଲ ନିୟମକୁ ପାଳନ କରାଯାଉଛି କି ନାହିଁ ତଦାରଖ କରିବେ। ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଗୁଡିକରେ ସ୍କୁଲ ସେଫ୍ଟି କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର କେବଳ ବିନିକା ସିଦ୍ଧାର୍ଥ କଲେଜରେ ଏହି କମିଟି ଗଠନ ହୋଇଛି। ଅନ୍ୟ ଶିକ୍ଷାନୁଷ୍ଠାନଗୁଡିକ ଏ ଦିଗରେ ଯତ୍ନବାନ ହେବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଏମ୍‌ଭିଆଇ ବିଶ୍ୱରଞ୍ଜନ ସାହୁ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ଜିଲା ଶିକ୍ଷା କାର୍ଯ୍ୟାଳୟରୁ ସତ୍ୟନାରାୟଣ ତ୍ରିପାଠୀ, ଜିଲା ସଡ଼କ ସୁରକ୍ଷା କମିଟିର ସ୍ୱାଧୀନ କୁମାର ମେହେର, ମୃତ୍ୟୁଞ୍ଜୟ ଶତପଥୀ, ଅଞ୍ଜଳି ନେଗୀ, ବସ ମାଲିକ ସଂଘର ପୁରୁଷୋତ୍ତମ ପାଣିଗ୍ରାହୀ, ଟ୍ରକ୍ ମାଲିକ ସଂଘ ଭାସ୍କର ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ।

## ବାଇକ୍ ଉପରେ ଚଢ଼ିଗଲା ଟ୍ରକ୍, ଜଣେ ମୃତ

ପଦ୍ମପୁର,୨୭।୯( ପ୍ରଦୀପ୍ତ ଦାଶ) : ବିଜୁ ଏକ୍ସପ୍ରେସ ୱେର କପସିଲା ରୋଡରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଗଦଲପୁର ଥାନା ଅନ୍ତର୍ଗତ ଲୁହୁରାକୋଟ ଗ୍ରାମର ବୃନ୍ଦାବନ ବେସରା (୩୨)। ତାଙ୍କ ସ୍ତ୍ରୀ ନୁରା ବେସରା ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇଯାଇଛନ୍ତି। ପଦ୍ମପୁର ପୋଲିସ ଏକ ମାମଲା ନଂ.୮୭/୨୪ ରୁଜୁ କରି ଟ୍ରକକୁ ଜବତ କରିଛି। ସୂଚନାଯୋଗ୍ୟ, ଦୁହେଁ ବାଇକ ଯୋଗେ ବରଗଡରୁ ନିଜ ଘରକୁ ଫେରୁ ଥିବାବେଳେ ବିଜୁ ଏକ୍ସପ୍ରେସ ୱେର କପସିଲା ଛକ ଠାରେ ପଛ ପଟୁ ଏକ ଟ୍ରକ ନଂ ଓଡି ୧୭ ଏଲ ୩୫୯୦ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀଙ୍କ ମୁଣ୍ଡ ଉପରେ ଟ୍ରକ ଚଢ଼ି ଯାଇ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ତ୍ରୀଙ୍କୁ ଗୁରତର ଅବସ୍ଥାରେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୂର୍ତ୍ତ ବିଭାଗର ଖାମ ଖିଆଲି ମନୋଭାବ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ କହିଛନ୍ତି। ତେବେ ଅର୍ଦ୍ଧ ନିର୍ମିତ ରାସ୍ତା କେବେ ସମ୍ପୂର୍ଣ୍ଣ ହେବ ବୋଲି ସାଧାରଣରେ ଦାବି ହୋଇଛି।

## ପଦ୍ମପୁର ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମିଶନ ଉନ୍ମୋଚିତ

ପଦ୍ମପୁର,୨୭।୯ (ପ୍ରଦୀପ୍ତ ଦାଶ): ରାଜବୋଡା ସମ୍ବର ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ନିପୁଣ ଓଡ଼ିଶା ମିଶନର ଶୁଭ ଉନ୍ମୋଚନ କାର୍ଯ୍ୟକ୍ରମ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସାବିତ୍ରୀ ବାଗ, ସମ୍ମାନିତ ଅତିଥି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାମ ଚନ୍ଦ୍ର ମାଝୀ, ଭେଉଁରିଆ ସରପଞ୍ଚ ଚୈତନ୍ୟ ଲୁହାର, ଶିଶୁ ବିଭାଗ ଅଧିକାରୀ ପ୍ରାଚୀ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ଯୋଶୀ, ରାମସିଂ ଭୋଇ, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପାଳଜୀ ପାଣିଗ୍ରାହୀ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ମିଳିତ ଭାବେ ନିପୁଣ ଓଡିଶାର ଲୋଗୋ, ବୁକଲେଟ,ପୋଷ୍ଟର ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ବଡ଼ିକେଲ, ପୁରେନା, ଉଙ୍ଗାଛଞ୍ଚା,ଚାରପାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଏବଂ ସମସ୍ତ ଏଫଏଲଏନ ତାଲିମ ପ୍ରଶିକ୍ଷକ ଉପସ୍ଥିତ ଥିଲେ। ଲାଲବାହାଦୁର ଶାସ୍ତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶେଷଦେବ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଝାରବନ୍ଧରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ଝାରବନ୍ଧ,୨୭।୯(ଦେବେନ୍ଦ୍ର ସାହୁ )

ଝାରବନ୍ଧ ବ୍ଲକ ସଭାଗୃହଠାରେ ସାମାଜିକ ସମୀକ୍ଷା ଅଭିଯୋଗ ଶୁଣାଣି ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପଦ୍ମପୁର ଉପଜିଲାପାଳ ସ୍ନେହା ଅରଗୁଲା, ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ଏବିଡିଓ ଭୀଷ୍ମଦେବ ମାଝୀ,ଏପିଓ ବେଲାଲ ସିଂହ ସେନାପତି, ବିଏସଏ ଟଙ୍କଧର ସାହୁ ପ୍ରମୁଖ ଯୋଗଦେଇ ଗତ ଆର୍ଥିକ ବର୍ଷରେ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକୁ ପଞ୍ଚାୟତୱାରି ସମୀକ୍ଷା କରିଥିଲେ। ଚଳିତ ଆର୍ଥିକ ବର୍ଷରେ ମୋଟ ୨୨୯୮ଟି ପ୍ରକଳ୍ପ ହାତକୁ ନିଆଯାଇଥିବାବେଳେ ୧୩୦୮ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଥିଲା। ୪୮୬୧୩୩ କାର୍ଯ୍ୟଦିବସ ସୃଷ୍ଟି ହୋଇଥିଲା। ଏଥିରେ ୧୫୪୩୭ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଥିଲା। ଏହା ମଧ୍ୟରୁ ୧୪୯୩ ପରିବାର ୧୦୦ଦିନର କାମକରିବା ସୂଚନା ରହିଛି। ଏହି ଶିବିରରେ ୫ଟି ଅଭିଯୋଗ ହୋଇଥିଲା ଏବଂ ସମସ୍ତ ଅଭିଯୋଗର ସମାଧାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଜେଇ, ଏଇ, ପିଆରଆଇ ମେମ୍ବର, ଜବ କାର୍ଡ ଧାରୀ ଉପସ୍ଥିତ ଥିଲେ।

## ସୌରଚାଳିତ ବୋରୱେଲ ପ୍ରକଳ୍ପ ଉଦ୍‌ଘାଟନ କଲେ ଏମ୍‌ପି



ସଭାରେ ଏମପିଙ୍କ ସହ ଅନ୍ୟମାନେ।

ପଦ୍ମପୁର,୨୭।୯(ପ୍ରଦୀପ୍ତ ଦାଶ) ଶ୍ରୀ ଅନ୍ନ ଅଭିଯାନ ତରଫରୁ ତ୍ରିରଙ୍ଗା ଯୁବକ ସଂଘ ଆନୁକୂଲ୍ୟରେ ସୌରଚାଳିତ ବୋରୱେଲ ପ୍ରକଳ୍ପ ଏମ୍‌ପି ପ୍ରଦୀପ ପୁରୋହିତ ଉଦ୍‌ଘାଟନ କରିଥିଲେ। କଂସର ପଞ୍ଚାୟତ ଅଧୀନ ବାନ୍ଧୁପାଲି ଗ୍ରାମର ମାଣ୍ଡିଆ ଚାଷ ପରିଦର୍ଶନ କରିଥିଲେ। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଶନ୍ନ କୁମାର ମିଶ୍ର, କୃଷି ଜିଲା ଅଧିକାରୀ ପ୍ରଭାସ ପଣ୍ଡା, ବ୍ଲକ କୃଷି ଅଧିକାରୀ ଝୁମି ମେହେର, ତ୍ରିରଙ୍ଗା ଯୁବକ ସଂଘର ସଭାପତି ହୃଦାନନ୍ଦ ନାୟକ, ଜିଲା ସଂଯୋଜକ ସବ୍ୟସାଚୀ ହନୁମାନ ଓ ନାରାୟଣ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ସଭାରେ ଶ୍ରୀ ଅନ୍ନ ଅଭିଯାନର ବ୍ଲକ ସଂଯୋଜକ ତୁଳେଶ୍ୱର ବୈକାର ସ୍ୱାଗତ ଏବଂ ମଞ୍ଚ ପରିଚାଳନା କରିଥିଲେ।

## ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚିତ



ଉପସ୍ଥିତ ପ୍ରଧାନ ଶିକ୍ଷକ, ସିଆରସିସି ଓ ଅନ୍ୟମାନେ।

ଝାରବନ୍ଧ,୨୭।୯(ଦେବେନ୍ଦ୍ର ସାହୁ )

ଝାରବନ୍ଧ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଶୁଭମ କୁମାର ପତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସିଡିପିଓ ସୁଷମା ପଟେଲ, ସମ୍ମାନିତ ଅତିଥି ଜିଲାପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଦୟାନିଧି କୈବର୍ତ୍ତ, ଦିବ୍ୟକିଶୋର ପଣ୍ଡା, ମହେନ୍ଦ୍ର ପ୍ରଧାନ, ଶିଶୁ ସୁରକ୍ଷା ସଂଯୋଜକ ରାକ୍ଷୀ ମେହେର ଯୋଗଦେଇ ନିପୁନ ଓଡ଼ିଶା ଓ ନିପୁନ ଭାରତ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବ୍ଲକ ଶିକ୍ଷା ଅଧିକାରୀ ଅବଗତ କରାଇଥିଲେ। ପରେ ଅତିଥିଙ୍କ ଦ୍ୱାରା ନିପୁନ ଓଡ଼ିଶା ଲୋଗୋ ଉନ୍ମୋଚିତ କରାଯାଇଥିଲା। ସିଆରସିସି ଗୋପାଳ ହରିଜନ ମଞ୍ଚ ପରିଚାଳନା କରିଥିଲେ। ବ୍ଲକର ସମସ୍ତ ପ୍ରଧାନ ଶିକ୍ଷକ, ସିଆରସିସି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଦୟାନିଧି କୈବର୍ତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ତ୍ରିଦିବସୀୟ ଦକ୍ଷତା ତାଲିମ ଶିବିର




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପାଇକମାଲ,୨୭।୯(ବଡ ଶତପଥି)

ବରଗଡ଼ ଜିଲା ପାଇକମାଲ ବ୍ଲକ ସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ତ୍ରିଦିବସୀୟ ଉଚ୍ଚ ପ୍ରାଥମିକ ଶିକ୍ଷକ ଦକ୍ଷତା ତାଲିମ ଶିବିର ମିଠାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପାଇକମାଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଝାରବନ୍ଧ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ଭୋଇ, ସମ୍ମାନିତ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ଧଳେନ୍ଦ୍ର କୁମାର ବାରିକ, ରାଧେଶ୍ୟାମ ମେହେର ଯୋଗଦେଇଥିଲେ। ପରିବର୍ତ୍ତନଶୀଳ ନୂତନ ଶିକ୍ଷା ପଦ୍ଧତି, ପ୍ରଣାଳୀ, ପାଠ୍ୟଖସଡ଼ା ସହ ପରିଚିତ ହୋଇ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଉନ୍ନତିରେ ସହାୟକ ହେବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ବାରିକ ସମସ୍ତ ତାଲିମ ଗ୍ରହୀତା ଶିକ୍ଷକଙ୍କୁ ତାଲିମ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ଦକ୍ଷତାର ବିକାଶ ପାଇଁ ଶିକ୍ଷକ ନେତୃତ୍ୱ କୌଶଳ, ଜୀବନ କୌଶଳ ଓ ଅନ୍ୟାନ୍ୟ ବିଷୟରେ ଶିଖି ନିଜ ବିଦ୍ୟାଳୟରେ ପ୍ରୟୋଗ କରିବାକୁ ମତ ପୋଷଣ କରିଥିଲେ ଓ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ନିପୁଣ ଓଡ଼ିଶା ମିଶନ ପାଇଁ ସଂକଳ୍ପ

ପାଇକମାଲ,୨୭।୯( ବଡ ଶତପଥି)




ବରଗଡ ଜିଲା ପାଇକମାଲ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟଠାରେ ନିପୁଣ ଓଡ଼ିଶାର ଉନ୍ମୋଚନ ସମାରୋହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ଭୋଇ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ସିଆରସିସି ତୋଲାମଣି ମାହାର, ନିତ୍ୟାନନ୍ଦ ଜେନା, ସାମାଜିକ କର୍ମୀ ବଡ଼ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧଳେନ୍ଦ୍ର ବାରିକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଙ୍କ ଅଭିଭାଷଣ ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ନିପୁଣ ଓଡ଼ିଶା ମିଶନ ବିଷୟରେ ବିଶଦ୍ ଭାବେ ଆଲୋଚନା କରିଥିଲେ। ପରେ ନିପୁଣ ଓଡ଼ିଶାର ଲୋଗୋ, ମିଶନ ବୁକ୍ଲେଟ, ପୋଷ୍ଟର, ଲିଫଲେଟ୍ ଆଦିର ଉନ୍ମୋଚନ କରାଯିବା ସହ ନିପୁଣ ଓଡ଼ିଶା ମିଶନ ସମ୍ବନ୍ଧୀୟ ଗୀତ ଓ ଭିଡିଓ ପ୍ରଦର୍ଶନ କରାଯାଇ ଏହି ମିଶନର ସଫଳ ରୂପାୟନ ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ପରେ ଅତିଥିମାନେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ନିର୍ମିତ ବିଭିନ୍ନ ପ୍ରକାର ଶିକ୍ଷଣ ସାମଗ୍ରୀ ବୁଲି ଦେଖିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ବାରିକ କାର୍ଯ୍ୟକୁ ଦେଖି ପ୍ରଶଂସା କରିଥିଲେ। ବୈଷ୍ଣବ ପଣ୍ଡା ଓ ମଞ୍ଜୁବାଲା ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଏବିଓ ରାଧେଶ୍ୟାମ ମେହେର ଧନ୍ୟବାଦ ଦେଇଥିଲେ।

## ଦାଦନ ଶ୍ରମିକ, ଶିଶୁ ଚାଲାଣ ପ୍ରତିକାର ପାଇଁ ସଚେତନତା ଶିବିର

ଝାରବନ୍ଧ,୨୭।୯(ଦେବେନ୍ଦ୍ର ସାହୁ )

ଦାଦନ ଶ୍ରମିକଙ୍କ ନିରାପଦ ସ୍ଥାନାନ୍ତରଣ ଓ ଶିଶୁ ଚାଲାଣ ପ୍ରତିକାର ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ବ୍ଲକ ଡଭାଠାରେ ଜିଲା ପ୍ରଶାସନ, ପୋଲିସ ଓ ଶ୍ରମ ବିଭାଗ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଝାରବନ୍ଧ ବ୍ଲକ ଏକ ପଛୁଆ ବ୍ଲକ ହୋଇଥିବା ବେଳେ ଏହା ଦାଦନ ପ୍ରବଣ ଅଞ୍ଚଳ। ପ୍ରତିବର୍ଷ ଅନ୍ୟ ରାଜ୍ୟକୁ ଲୋକେ ଦାଦନ ଭାବେ ଯାଇଥାନ୍ତି ଏବଂ ମାଲିକମାନଙ୍କ ଦ୍ୱାରା ଅତ୍ୟାଚାରର ଶିକାର ହୋଇଥାନ୍ତି। ଏଥିରେ ନିଷ୍ପାପ ଶିଶୁମାନେ ଅଧିକ ବଳି ପଡ଼ିଥାନ୍ତି। ରାଜ୍ୟ ସରକାର ଏହାକୁ ନେଇ ସଚେତନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହାକୁ ରୋକିବାକୁ ପୂର୍ଣ୍ଣ ପ୍ରୟାସ କରାଯାଉଛି। ଆଗାମୀ ଦିନରେ କିପରି ନିରାପଦ ସ୍ଥାନାନ୍ତରଣ ଓ ଶିଶୁଚାଲାଣର ପ୍ରତିକାର ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଭୀଷ୍ମଦେବ ମାଝୀ, ଶିଶୁ ସୁରକ୍ଷା ଜିଲା ପରାମର୍ଶଦାତା ତରୁଣ ସେନ ପୃସେଠ, ଜିଲା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ପରିଚାଳକ ସରୋଜ କୁମାର ପ୍ରଧାନ, ଅତିରିକ୍ତ ଶ୍ରମ ଅଧିକାରୀ ଅରବିନ୍ଦ ହାତୀ, ଝାରବନ୍ଧ ପୋଲିସ ଏସ୍‌ଆଇ ପ୍ରଦୀପ ଶବର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶିଷ କାଣ୍ଡୁଲନା ଏହି ବିଷୟରେ ବିଭିନ୍ନ ପରାମର୍ଶ ଦେଇଥିଲେ।

## ମହଦା ଉପସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

ବରପାଲି,୨୭।୯(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ମହଦାଠରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଦୀର୍ଘ ଦିନରୁ ହୋଇଆସୁଥିବା ଦାବି ପୂରଣ ହୋଇଛି। ବର୍ଲାବାହାଲ, ରାବଣଗୁଡ଼ା, ଦଳେଇପାଲି, ମହଦା ଚାରିଛକଠାରେ ନିର୍ମାଣ ହେବାକୁ ଥିବା ଉପସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ଶୁକ୍ରବାର ମହଦା ସରପଞ୍ଚ ତପସ୍ୱିନୀ ସାହୁଙ୍କ ଦ୍ୱାରା ହୋଇଯାଇଛି। ଅତିଥିଭାବେ ଡ. କୃପାସିନ୍ଧୁ ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନର କନିଷ୍ଠ ଯନ୍ତ୍ରୀ ସୁଧାଂଶୁ କୁମାର ପଣ୍ଡା, ଆଗଲପୁର ସ୍ୱାସ୍ଥ୍ୟ ପରିଦର୍ଶକ କୁବେର ଚନ୍ଦ୍ର ଯୋଶୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ଭୂମିସୂତା ଦଣ୍ଡସନା, ରାଜ୍ୟ ସମବାୟ ସମିତି ଉପସଭାପତି ବିରୋସନ ସାହୁ, ବରିଷ୍ଠ ଓକିଲ ଶରତ ଚନ୍ଦ୍ର ଦାସ, ଉପେନ୍ଦ୍ର କ୍ଷିତି, ଗୋବିନ୍ଦ ଯୁଆଡ଼ି, ତ୍ରିଲୋଚନ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମହାଦେବ ପଧାନ, ଦୀପକ ଧନୁକା, କେଶବ ରାଉତ, ସାନନ୍ଦ ପଣ୍ଡା, ଚତୁର୍ଭୁଜ ସିଂ, ଭୂମିସୂତା ଭୋଇ, ବିଶ୍ୱନାଥ ପଟେଲ,ନୀଳକଣ୍ଠ ବାଗ,ବାସନ୍ତୀ ଭୁଏ, ମହାଦା ଗୌନ୍ତିଆ ଚିନ୍ମୟ ଠାକୁର ଓ ନାରାୟଣ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।



ସରପଞ୍ଚ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# କେନ୍ଦୁଝର, ବରଗଡ଼ ବିଜୟୀ

**ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ**

ବରଗଡ,୨୭।୯(ପ୍ରେମାନନ୍ଦ ଖମାରୀ)




ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ଓ ବରଗଡ଼ ଜିଲା କ୍ରୀଡା ସଂସଦର ମିଳିତ ଆୟୋଜନରେ ଅନୁଷ୍ଠିତ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ହୋଇଥିବା ମ୍ୟାଚ୍ ଦୁଇଟିରେ କେନ୍ଦୁଝର ଓ ବରଗଡ ବିଜୟୀ ହୋଇଛନ୍ତି। କେନ୍ଦୁଝର ଓ ମାଲକାନଗିରି ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ କେନ୍ଦୁଝର ଦଳ ୩–୦ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ୧୬ ନମ୍ବର ଖେଳାଳି ଈଶ୍ୱର ତିର୍କୀ, ୧୦ ନମ୍ବର ଖେଳାଳି ଶିବନାଥ ପିଙ୍ଗୁଆ ଓ ୧୧ ନମ୍ବର ଖେଳାଳି ସାଧୁ ମୁଣ୍ଡା ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଖେଳକୁ ଜଗନ୍ନାଥ ମାଝୀ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଚକ୍ରଧର ଛତର ଓ ଆଦିତ୍ୟ ନାୟକ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ରାଜେନ୍ଦ୍ର ଭୁଏ। ଜିଲା କ୍ରୀଡା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ପ୍ରଭାତାଦିତ୍ୟ ମିଶ୍ର, ପ୍ରାକ୍ତନ ଖେଳାଳି ଜୟଲାଲ ଥାଳି ଅତିଥି ଭାବେ ଯୋଗଦେଇ କେନ୍ଦୁଝର ଦଳର ଶିବନାଥ ପିଙ୍ଗୁଆଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ ।

ବରଗଡ ଓ ସମ୍ବଲପୁର ଦଳ ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ମ୍ୟାଚ୍‌ରେ ବରଗଡ ଜିଲା ଦଳ ୧–୦ ଗୋଲରେ ବିଜୟୀ ହୋଇଥିଲା । ମ୍ୟାଚ୍‌ର ଏକମାତ୍ର ଗୋଲ ଦଳର ୭ ନମ୍ବର ଖେଳାଳି ବିବେକ ବାଗ ଦେଇଥିଲେ। ମ୍ୟାଚ୍‌କୁ ଜି. ସନ୍ତୋଷ କୁମାର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ରୋସନ ଖାଁ, ନିତ୍ୟାନନ୍ଦ ମେହେର ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ସହଦେବ ମୁଚିନ। ଜିଲା କ୍ରୀଡା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ପ୍ରଭାତାଦିତ୍ୟ ମିଶ୍ର, ଜିଲା କ୍ରୀଡା ଅଧିକାରୀ ତୁଷାରକାନ୍ତି ମିଶ୍ର, କାଉନସିଲ ସଦସ୍ୟ ମହେନ୍ଦ୍ର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବରଗଡ ଦଳର ୭ ନମ୍ବର ଖେଳାଳି ବିବେକ ବାଗଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ସଂସଦ ସମ୍ପାଦକ କିଶୋର କୁମାର ମିଶ୍ର, ପ୍ରାକ୍ତନ ସମ୍ପାଦକ ଅରୁଣ କୁମାର ମହାନ୍ତି, ଫାଓ ଉପସଭାପତି ରବି ପଣ୍ଡା, କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ଫୁଟବଲ ସମ୍ପାଦକ ସେକ ସବଦର, ବରିଷ୍ଠ ସଦସ୍ୟ ଗିରିଜା ପ୍ରସାଦ ନାଥ, ସନ୍ତୋଷ ପଣ୍ଡା, ଶୌର୍ଯ୍ୟ ରଞ୍ଜନ ରାଏ ଏବଂ କୁମର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଗୁରୁବାର କନ୍ଧମାଳ ଓ ବଲାଙ୍ଗୀର ମଧ୍ୟରେ ହୋଇଥିବା ବର୍ଷା ବାଧାପ୍ରାପ୍ତ ଅସମାପ୍ତ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧର ୪୧ ମିନିଟ ଖେଳ ଶୁକ୍ରବାର ସକାଳ ୭ଟା ୩୦ରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ର ଅବଶିଷ୍ଟାଂଶ ଖେଳ ଉଭୟ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଭାବେ ସମାପ୍ତ ହୋଇଥିଲା। ଏଥିରେ କନ୍ଧମାଳ ଦଳ ଗୋଟିଏ ଗୋଲ ଦେଇଥିବା ବେଳେ ବଲାଙ୍ଗୀର ଦଳ ୨ଟି ଗୋଲ ଦେଇଥିଲା। ଫଳରେ ଗୁରୁବାର ୩–୧ ଗୋଲରେ ଆଗୁଆ ଥିବା କନ୍ଧମାଳ ଦଳ ମ୍ୟାଚ୍‌କୁ ୪–୩ ଗୋଲ ବ୍ୟବଧାନରେ ଜିତି ନେଇଥିଲା। କନ୍ଧମାଳ ଦଳ ପକ୍ଷରୁ ମହେଶ ହାଣ୍ଡା ଦୁଇଟି ଗୋଲ ଦେଇଥିବା ବେଳେ ରମେଶ ଓରାମ ଦୁଇଟି ଗୋଲ ଦେଇଥିଲେ। ବଲାଙ୍ଗୀର ଦଳ ପକ୍ଷରୁ ସୁରେନ ମଲ୍ଲିକ, ନରେଶ ଧାନ ଓ ଦେବରାଜ ସା ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଖେଳ ପରିଚାଳନା କରିଥିଲେ ଜି. ସୁରେଶ କୁମାର । ତାଙ୍କୁ ଲାଇନରେ ରୋଶନ ଖାଁ ଓ ଜିତେନ୍ଦ୍ରିୟ ଥନାପତି ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ଆଦିତ୍ୟ ନାୟକ । ଜିଲା କ୍ରୀଡା ସଂସଦ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ସଭାପତିତ୍ୱ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା କ୍ରୀଡା ସଂସଦ କ୍ରିକେଟ ସମ୍ପାଦକ ଅମିୟ ଭୂଷଣ ସାହୁ, କାଉନସିଲ ସଦସ୍ୟ ପ୍ରଦୀପ ସାହୁ କନ୍ଧମାଳ ଦଳର ରମେଶ ଓରାମଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ଏହି ସମୟରେ ଜିଲା କ୍ରୀଡା ଅଧିକାରୀ ତୁଷାରକାନ୍ତି ମିଶ୍ର ଓ ପ୍ରାକ୍ତନ ସମ୍ପାଦକ ଅରୁଣ କୁମାର ମହାନ୍ତି ଉପସ୍ଥିତ ଥିଲେ। ଶନିବାର ଅପରାହ୍ନ ୧ଟା ୪୦ ମିନିଟରେ ପ୍ରଥମ ମ୍ୟାଚ୍ କନ୍ଧମାଳ ଓ କଳାହାଣ୍ଡି ଏବଂ ୩ଟା ୪୫ ମିନିଟରେ ବଲାଙ୍ଗୀର ଓ ନୂଆପଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ପାଣିରେ ବୁଡ଼ି ବୃଦ୍ଧ ମୃତ

**ଲହୁଣୀପଡା,୨୭।୯(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ମହୁଲପଦା ପଞ୍ଚାୟତର ଜଣେ ବୃଦ୍ଧଙ୍କ ନାଳରେ ବୁଡ଼ି ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ହେଲେ କୁମୁଡି ଗ୍ରାମର ଚିନ୍ତାମଣି କାଲୋ(୬୫)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଚିନ୍ତାମଣି ଗୁରୁବାର ମଧ୍ୟାହ୍ନରେ ନିକଟସ୍ଥ କଲା ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ଅନେକ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଶୁକ୍ରବାର ସକାଳେ ଚିନ୍ତାମଣିଙ୍କ ମୃତଦେହ ନାଳପାଣିରେ ଭାସୁଥିବା ଦେଖି ମହୁଲପଦା ଥାନାକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରିଥିଲା।

### ସାପ କାମୁଡାରେ ବୃଦ୍ଧାଙ୍କ ମୃତ୍ୟୁ

**ବନ୍ଧମୁଣ୍ଡା, ୨୭।୯(ସୁବ୍ରତ ଦେ):** ବନ୍ଧମୁଣ୍ଡାରେ ସାପ କାମୁଡାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାର୍ବତୀ ମୁଣ୍ଡା (୫୪)। ବନ୍ଧମୁଣ୍ଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ପାର୍ବତୀ ଗୁରୁବାର ରାତିରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ରାଉରକେଲା,୨୭।୯(ସଙ୍ଗୀତା ଜେନା):** ରାଉରକେଲା ସେକ୍ଟର-୭ ଥାନା ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ କରୁଛି। ତେବେ ରାତି ୧୧ଟା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଯୁବତୀ ଜଣଙ୍କ ପାନପୋଷ ଅଞ୍ଚଳର। ସେ ଅପରାହ୍ନରେ ମୋ ବସ୍‌ରେ ଛେଣ୍ଡକୁ ଟ୍ୟୁଶନ ପାଇଁ ଯାଇଥିଲେ । ତେବେ ସେ ଘରକୁ ନ ଫେରି ସେକ୍ଟର ୭-ଅଞ୍ଚଳରେ ଥିବା ତାଙ୍କ ସାଙ୍ଗ ଘରକୁ ଯାଇଥିଲେ। ତାଙ୍କୁ ପିଛା କରୁଥିବା କେତେଜଣ ଯୁବକ ତାଙ୍କୁ କୁଆଡେ ବଳପୂର୍ବକ ଉଠାଇ ନେଇଥିଲେ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଥାନାଧିକାରୀଙ୍କ ମତାମତ ମିଳିପାରିନାହିଁ ।

### ୨୯ରେ ଇରମ ଶହୀଦ ସ୍ମୃତି ଦିବସ

**ରାଉରକେଲା,୨୭।୯(ଦିନେଶ ମିଶ୍ର):** ଭଦ୍ରକ ଜିଲା ବାସୁଦେବପୁରର ଜନକଲ୍ୟାଣ ପରିଷଦ ଆନୁକୂଲ୍ୟରେ ଆସନ୍ତା ୨୯ ତାରିଖରେ ଇରମ ଶହୀଦ ସ୍ମୃତି ଦିବସ ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାରରେ ପାଳନ କରାଯିବ। ଏଥିରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି, ଶିକ୍ଷାବିତ୍ ତଥା ଗବେଷକ ଡକ୍ଟର ଅଜୟ କୁମାର ପଣ୍ଡା ସମ୍ମାନିତ ଅତିଥି ଏବଂ ଐତିହାସିକ ପ୍ରଫେସର ଡକ୍ଟର ପ୍ରଭାତ କୁମାର ମଲ୍ଲିକ ମୁଖ୍ୟ ବକ୍ତା ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ପରିଷଦ ସଭାପତି ଡାକ୍ତର ରବିନାରାୟଣ ମହାପାତ୍ର ଓ କାର୍ଯ୍ୟକାରୀ ସଭାପତି ଭବେଶ ଚନ୍ଦ୍ର ସାହୁ ଏବଂ ସାଧାରଣ ସମ୍ପାଦକ ଲକ୍ଷ୍ମଣନାଥ ଦାସ ସୂଚନା ଦେଇଛନ୍ତି।

### ୧୬୫ ଛାତ୍ରୀଛାତ୍ରଙ୍କ ରକ୍ତ ପରୀକ୍ଷା

**ସୁନ୍ଦରଗଡ,୨୭।୯(ଜୟ ନାରାୟଣ ମେଣ୍ଟୁଲି) :** ଭବାନୀପୁର ସ୍ଥିତ ଏକଲବ୍ୟ ଆବାସିକ ବିଦ୍ୟାଳୟରେ ଶୁକ୍ରବାର ରକ୍ତହୀନତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟ କ୍ରମରେ ପିଲାଙ୍କ ରକ୍ତ ନମୁନା ପରୀକ୍ଷା କରି ସେମାନଙ୍କ ସ୍ଥିତି ଜଣାଇ ଏକ ବୈଠକରେ କିଶୋର କିଶୋରୀ ସମୟରେ କିପରି ଖାଦ୍ୟ, ପାନୀୟ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ପ୍ରଦାନ କରିବେ ତାହା ବୁଝାଇ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯଜ୍ଞସିନୀ ପଣ୍ଡା, ଗୁନସାଗର ପ୍ରଧାନ, ମୌସୁମୀ ନାୟକ, ପ୍ରିନ୍ସପାଲ ସଂଘମିତ୍ରା ପାଣିଗ୍ରାହୀ, ରଜତ ନାୟକ, ଏଏନଏମ ପ୍ରଣତି ପଟେଲ, ଆଶା ଦିଦି ଓ ଅଙ୍ଗନୱାଡି ଦିଦି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମୁଦାୟ ୧୬୫ ଜଣ ଛାତ୍ରୀଛାତ୍ରଙ୍କ ରକ୍ତ ପରୀକ୍ଷା କରାଯାଇଥିଲା।



# ଜମି ଚିହ୍ନଟକୁ ବିରୋଧକଲେ ଗ୍ରାମବାସୀ

**ବନ୍ଧମୁଣ୍ଡା,୨୭।୯(ସୁବ୍ରତ ଦେ)**

ବନ୍ଧମୁଣ୍ଡା ଥାନା ଅଧୀନ ଜାମସେରା ପଞ୍ଚାୟତ ଦଲପୋଶ ଗ୍ରାମରେ ସରକାରୀ ଜମି ଚିହ୍ନଟ ବେଳେ ଗ୍ରାମବାସୀ ବିରୋଧ କରିଛନ୍ତି। ଫଳରେ ବିଭାଗୀୟ ଅଧିକାରୀମାନେ ଜମି ଚିହ୍ନଟ କରି ନ ପାରି ଫେରି ଆସିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୩ ବର୍ଷ ଧରି ଦଲପୋଶ ଗ୍ରାମରେ ଚାଲିଥିବା ଜମି ବିବାଦ ବନ୍ଦ ହେବାର ନାଁ ନେଉ ନାହିଁ। ରାଉରକେଲାର ଜଣେ ବ୍ୟକ୍ତି ଦଲପୋଷ ଗାଁର ଖେଳ ପଡ଼ିଆକୁ ନିଜର ଜମି ବୋଲି ଦାବି କରି ଆସୁଛନ୍ତି। ଜମି ଡିମାର୍କେଶନ ପାଇଁ ବିଶ୍ରା ତହସିଲ କାର୍ଯ୍ୟାଳୟକୁ ଲିଖିତ ଆବେଦନ କରିଥିଲେ। ଶୁକ୍ରବାର ବିଶ୍ରା ତହସିଲ କର୍ମଚାରୀ ଏବଂ ବନ୍ଧମୁଣ୍ଡା ପୋଲି ଜଣେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜମି ଡିମାର୍କେଶନ ପାଇଁ ଗାଁରେ ପହଞ୍ଚି ଥିଲେ। ଗ୍ରାମବାସୀ ଏକତ୍ରିତ ହେଇ ପୋଲିସ ଗାଡି ଆଗରେ ଛିଡା ହୋଇ ରାସ୍ତା ଜାମ କରିଥିଲେ। ପ୍ରାୟ ଏକ ଘଣ୍ଟା ଧରି ଗ୍ରାମବାସୀ ବିରୋଧ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ଉକ୍ତ ବ୍ୟକ୍ତି ଜଣଙ୍କ ଜାଲିଆତି କରି ପୁରୁଣା ଖେଳ ପଡିଆକୁ ତାଙ୍କ ଜମି ବୋଲି ଦାବି କରୁଛନ୍ତି। ଆଦିବାସୀଙ୍କ ଜମି ଲୁଟ କରିବା ପାଇଁ ସେ ଉଦ୍ୟମ କରୁଛନ୍ତି। ପୂର୍ବପୁରୁଷଙ୍କ ସମୟରୁ ଏହି ପଡିଆକୁ ଖେଳ ପାଇଁ ବ୍ୟବହାର ହୋଇଆସୁଛି। ଜାମସେରା ସରପଞ୍ଚ ବେଡନା ଓରାମ ଏବଂ ବୀରମିତ୍ରପୁର ପୂର୍ବତନ ବିଧାୟକ ଶଙ୍କର ଓରାମ, ଲେଥା ତିର୍କୀ କହିଛନ୍ତି, ଯେଉଁ ଲୋକ ଜମିର ଡିମାର୍କେଶନ ପାଇଁ ଆବେଦନ କରିଛନ୍ତି ତାଙ୍କ ପାଖରେ ଏହି ଜମିର କୌଣସି ଉପଯୁକ୍ତ କାଗଜ ପତ୍ର ନାହିଁ। ଏଥିସହ ଯେଉଁ ଜମିର ଡିମାର୍କେଶନ ହେଉଛି ତାହା ଆଖପାଖରେ ରହୁଥିବା କୌଣସି ଲୋକଙ୍କୁ ଡିମାର୍କେଶନ ସମ୍ପର୍କରେ କିଛି ସୂଚନା ଦିଆଯାଉ ନାହିଁ ବୋଲି ସେ କହିଛନ୍ତି।



ଗ୍ରାମବାସୀ ରାସ୍ତା ଅବରୋଧ କରି ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ଦିବସ

**କୁତ୍ରା,୨୭।୯(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ମିଶନ ଶକ୍ତି ଭବନରେ ପୋଷଣ ମାସ ଉପଲକ୍ଷେ ବ୍ଲକସ୍ତରୀୟ ପୋଷଣ ଦିବସ ପାଳିତ ହୋଇଯାଇଛି। ସିଡିପିଓ ଦାୟିତ୍ୱରେ ଥିବା ପ୍ରୋଗ୍ରାମ ଅଫିସର ଶୁଶିଲା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ଯୁଗଳକିଶୋର ବିଶ୍ୱାଳ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା, କୁତ୍ରା ମେଡିକାଲର ଆୟୁସ ଡାକ୍ତର ଗଣେଶ ସରାପ, ଡାକ୍ତର ରାଜଲକ୍ଷ୍ମୀ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଶିଶୁଙ୍କୁ କିଭଳି ଭାବେ ଯତନ୍ନ ନେବେ ଓ ପୋଷଣ ଜାତୀୟ ଖାଦ୍ୟ ଖୁଆଇବେ ତାହାକୁ ନେଇ ସଚେତନ କରିଥିଲେ। ଏହି ପୋଷଣ ଦିବସ ସେପ୍ଟେମ୍ବର ୧ ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଏ। ବିଭିନ୍ନ କ୍ଲଷ୍ଟରରୁ ଆସିଥିବା ଅଙ୍ଗନୱାଡି କର୍ମୀଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ପୋଷଣ ଜାତୀୟ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅଙ୍ଗନୱାଡି କର୍ମୀମାନେ ପୋଷଣ ମାସକୁ ନେଇ ନୃତ୍ୟ ମାଧ୍ୟମରେ ସଚେତନତା କରିଥିଲେ। ଶେଷରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିପିଏମ ସୁନିଲ କୁଜୁର ପରିଚାଳନା କରିଥିବା ବେଳେ ସେକ୍ଟର ସୁପରଭାଇଜର ବୁଟ କଇଥ ଧନ୍ୟବାଦ ଅର୍ପଣ କରିଥିଲେ।



ପୋଷଣ ଦିବସ ଅବସରରେ ଉପସ୍ଥିତ ଅତିଥିମାନେ।

# ଏନ୍‌ଟିପିସି ଦର୍ଲିପାଲିରେ ହିନ୍ଦୀ ପଖୱାଡା





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ସୁନ୍ଦରଗଡ,୨୭।୯(ଜୟ ନାରାୟଣ ମେଣ୍ଟୁଲି)**

ଏନଟିପିସି ଦର୍ଲିପାଲିରେ ହିନ୍ଦୀ ପକ୍ଷ -୨୦୨୪ ପାଳନ ଅବସରରେ କର୍ମଚାରୀଙ୍କ ପାଇଁ ସୁଲେଖ, ପ୍ରଶ୍ନ ପତ୍ର ଏବଂ ଅନ୍ତାକ୍ଷରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୈନନ୍ଦିନ କାର୍ଯ୍ୟରେ ହିନ୍ଦୀ ଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ସେପ୍ଟେମ୍ବର ୧୪ରେ ଏନଟିପିସି ଦର୍ଲିପାଲି ଷ୍ଟେଶନରେ ହିନ୍ଦୀ ପଖୱାଡା ଚାଲୁଅଛି। ଏହା ଅଧୀନରେ କର୍ମଚାରୀଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହା ଅଧୀନରେ ସେପ୍ଟେମ୍ବର ୧୬ରେ ହିନ୍ଦୀ ପ୍ରଶ୍ନପତ୍ର ଏବଂ ୧୯ରେ ହିନ୍ଦୀ ସୁଲେଖ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତା ପ୍ରକଳ୍ପ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ହିନ୍ଦୀ ଭାଷାଭାଷୀ ଏବଂ ଅଣହିନ୍ଦୀ ଭାଷାଭାଷୀ ରାଜ୍ୟର କର୍ମଚାରୀଙ୍କ ପାଇଁ ହିନ୍ଦୀ ପ୍ରଶ୍ନପତ୍ର ପୃଥକ ଭାବେ ଆୟୋଜିତ ହୋଇଥିଲା। ପ୍ରଶ୍ନ ପତ୍ର ପ୍ରତିଯୋଗିତାରେ ୩୪ ଏବଂ ସୁଲେଖ ପ୍ରତିଯୋଗୀତାରେ ୨୯ ଅଂଶଗ୍ରହଣକାରୀ ଭାଗ ନେଇଥିଲେ। ଏଥିସହ ୨୪ରେ ଏନଟିପିସି ଦର୍ଲିପାଲି ଟାଉନଶିପରେ ଥିବା ଏକଜିକ୍ୟୁଟିଭ କ୍ଲବରେ ଆନ୍ତାକ୍ଷରୀ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଯେଉଁଥିରେ ମୋଟ ୯ ଟି ଟିମ୍ ଅଂଶଗ୍ରହଣ କରିଥିଲେ। ୩ ଜଣ ସଦସ୍ୟଙ୍କୁ ନେଇ ଏହି ଟିମ ଗଠିତ ହୋଇଥିଲା। ପ୍ରତିଯୋଗିତାରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ଅଂଶଗ୍ରହଣ କରିଥିଲେ। ମୋଟ ୪ ଇନିଂସରେ ଅନ୍ତାକ୍ଷରୀ ପ୍ରତିଯୋଗିତା ହୋଇଥିଲା। ଶେଷରେ ୩ଟି ଦଳ ପ୍ରଥମ, ଦ୍ୱିତୀୟ, ତୃତୀୟ ଘୋଷିତ ହୋଇଥିଲେ। ହିନ୍ଦୀ ପାଖୱାଡାର ଉଦ୍‌ଯାପନୀ ସମାରୋହ ୨୮ରେ କୋଣାର୍କ ଅଡିଟୋରିୟମରେ କବି ସମ୍ମିଳନୀ ସହ ଅନୁଷ୍ଠିତ ହେବ। ସେହିଦିନ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ। ଉଦ୍‌ଯାପନୀ ସମାରୋହର ମୁଖ୍ୟ ଅତିଥିଭାବେ ପ୍ରକଳ୍ପ ମୁଖ୍ୟ ରାମ ଭଜନ ମଲିକ ଯୋଗଦେଇ ହିନ୍ଦୀ ପାଖୱାଡା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି।

# ଡେଙ୍ଗୁ ରୋକିବା ପାଇଁ ସଚେତନତା ଅଭିଯାନ

**ବନ୍ଧମୁଣ୍ଡା,୨୭।୯(ସୁବ୍ରତ ଦେ)**

ଡେଙ୍ଗୁ ଆକ୍ରାନ୍ତକୁ ଦୃଷ୍ଟିରେ ରଖି ରାଉରକେଲାର ନର୍ସିଂ କଲେଜର ଛାତ୍ରୀମାନେ ବିଶ୍ରା ବ୍ଲକ ଅଧୀନ ଜାମସେରା ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମରେ ଏକ ସଚେତନତା ଅଭିଯାନ ଚଳାଇଛନ୍ତି। ଛାତ୍ରୀମାନେ ଗାଁରୁ ଗାଁ ବୁଲି ଗ୍ରାମବାସୀଙ୍କୁ ଡେଙ୍ଗୁ ରୋଗରୁ କିପରି ରକ୍ଷା ପାଇପାରିବେ ଏବଂ ସୁରକ୍ଷିତ ରହି ପାରିବେ ସେ ବିଷୟରେ ସୂଚନା ଦେଇଛନ୍ତି। ସଚେତନତା ଅଭିଯାନ ଟିମର ତେଜସ୍ୱିତା ମହାପାତ୍ର କହିଛନ୍ତି, ତାଙ୍କ ଟିମରେ ଉପସ୍ଥିତ ଛାତ୍ରୀମାନେ ନିୟମିତ ଭାବେ ଗ୍ରାମାଞ୍ଚଳକୁ ଯାଇ ଲୋକଙ୍କୁ ଡେଙ୍ଗୁ ରୋଗରୁ ରକ୍ଷା ପାଇବା ପାଇଁ ଉପାୟ କହୁଛନ୍ତି। ଡେଙ୍ଗୁ ମଶା ସ୍ଥିର ପାଣିରେ ଅଣ୍ଡା ଦେଇ ଥାଏ। ସେଥି ପାଇଁ ସମସ୍ତେ ନିଜ ନିଜ ଘର ପରିସରରେ ଟାୟାର,ଡ୍ରେନ,ବାଲ୍ଟିରେ ବର୍ଷା ପାଣି ଯେମିତି ଜମା ନ ହୁଏ ସେଥିପ୍ରତି ନଜର ରଖିବାକୁ ପଡ଼ିବ ବୋଲି ସେ ପରାମର୍ଶ ଦେଇଥିଲେ।

# ୪ଦିନିଆ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ଲହୁଣୀପଡ଼ା,୨୭।୯(ଦାଶରଥି)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କୁଡେଇକଳା ପଞ୍ଚାୟତ ହଳଦୀକାଞ୍ଚି ଫୁଟବଲ ଖେଳ ପଡ଼ିଆଠାରେ ଶୁକ୍ରବାର ହଳଦୀ କାଞ୍ଚି ଘେଣିଘସା ମା' ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚାରିଦିନିଆ ନକ ଆଉଟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୩୨ଟି ଫୁଟବଲ ଦଳ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ମା' ତାରିଣୀ ଏଫସି ଫୁଟବଲ ଦଳକୁ ହଳଦୀ କାଞ୍ଚି ଫୁଟବଲ ଦଳ ୫-୪ ଗୋଲରେ ପରାସ୍ତ କରିଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଲହୁଣୀପଡ଼ା ପଞ୍ଚାୟତ ସରପଞ୍ଚ ନେଲସନ ହେମ୍ବ୍ରମ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ଲହୁଣୀପଡ଼ା ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ୟାମ ଚରଣ ମାଝୀ, ସମ୍ମାନିତ ଅତିଥି କୁଡେଇକଳା ପଞ୍ଚାୟତ ସରପଞ୍ଚ ଶିବ ଶଙ୍କର ନାଏକ, କୁଡେଇ କଳା ସମିତି ସଭ୍ୟ ଆକାଶ ମାହାନ୍ତ ଯୋଗଦେଇଥିଲେ। ମା ତାରିଣୀ ସ୍ପୋର୍ଟିଂ କ୍ଲବର ସଭାପତି ଭଜନ ମାହାନ୍ତ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ମହେଶ୍ୱର ମୁଣ୍ଡା ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କମିଟିର କର୍ମକର୍ତ୍ତାମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛଦେଇ ସ୍ୱାଗତ କରିଥିଲେ। ଅତିଥିମାନେ ଫିତା କାଟି ଖେଳକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଶୁସାନ୍ତ କୁମାର କିଷାନ, ବିଜୟ କୁମାର କୁଲସରି, ଭୀଷ୍ମଦେ ମାହାନ୍ତ, କୁଳମଣି ମାହାନ୍ତ, ରୋହିତ କୁମାର ମାହାନ୍ତ ଖେଳ ପରିଚାଳନା କରିଥିଲେ। କମଳ ଲୋଚନ ମାହାନ୍ତ, ଦୟାନିଧି ମୁଣ୍ଡା, ଜୟ ପ୍ରକାଶ ମାହାନ୍ତ, ମୋତିଲାଲ ମୁଣ୍ଡା, ଧନେଶ୍ୱର ମୁଣ୍ଡା, ପ୍ରଭାକର ମୁଣ୍ଡା, ଜୀବନ ମୁଣ୍ଡା ପ୍ରମୁଖଙ୍କ ସମେତ ମା' ତାରିଣୀ ସ୍ପୋର୍ଟିଂ କ୍ଲବର କର୍ମକର୍ତ୍ତାମାନେ ଫୁଟବଲ ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳି।

# ପଞ୍ଚଦିବସୀୟ ଇଂଲିଶ ତାଲିମ ଶିବିର ଉଦ୍‌ଯାପିତ

**ବଡ଼ଗାଁ,୨୭।୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ହାଇସ୍କୁଲ ପରିସରରେ ରାଜ୍ୟ ଭାଷା ପ୍ରଶିକ୍ଷଣ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ପଞ୍ଚ ଦିବସୀୟ ଇଂଲିଶ ଶିକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଲାକ୍ରା ଓ ବଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହିରୋ ଯୋଗଦେଇ ଶିବିରର ଲକ୍ଷ୍ୟ ଉପରେ ଆଲୋଚନା କରିଥିଲେ। ସାଧନା କର୍ମୀ ଡ. ଲଲିନ୍ଦ୍ର ଅମାତ, ଶଶିଭୂଷଣ ହୋତା, ସତ୍ୟପ୍ରିୟ ପଟେଲ, ପ୍ରିଶିଲା ତିର୍କୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଅମୁଲ୍ୟ ପ୍ରଧାନ ଓ ବିଜ୍ଞାନ ନିରୀକ୍ଷକ ଚନ୍ଦ୍ରଶେଖର ସାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ତାଲିମ ଶିବିରରେ ବଡ଼ଗାଁ ବ୍ଲକର ୬୦ଟି ସ୍କୁଲର ୬୦ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଏହି ଶିବିରରେ ତାଲିମ ପ୍ରଦାନ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ପଦ୍ମଲୋଚନ ପାଣିଗ୍ରାହୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଇଂଲିଶ ଅଧ୍ୟୟନ ଉପରେ ତାଲିମ ପ୍ରଦାନ କରିଥିଲେ।



# ରୋଟାରି କ୍ଲବ ପକ୍ଷରୁ ଛାତ୍ର ବୃତ୍ତି ପ୍ରଦାନ



**ସୁନ୍ଦରଗଡ଼,୨୭।୯(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ଼ ଟାଉନ ରୋଟାରି କ୍ଲବ ସଭାଗୃହରେ ଛାତ୍ର ବୃତ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଦିଲୀପ କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଯୁକ୍ତ ୨ ପରୀକ୍ଷା ଫଳାଫଳ ଆଧାରରେ ଆର୍ଥିକ ଅନଗ୍ରସର ୧୦ ଛାତ୍ରୀଛାତ୍ରଙ୍କୁ ରୋଟାରୀ କ୍ଲବ ପକ୍ଷରୁ ୫ହଜାରଟଙ୍କା ଲେଖାଏଁ ଛାତ୍ର ବୃତ୍ତି ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ପଧାନ ଛାତ୍ରୀଛାତ୍ରଙ୍କୁ ମହାମନିଷୀଙ୍କ ଜୀବନୀ ଓ ବିଭିନ୍ନ ଉଦାହରଣ ମାଧ୍ୟମରେ ନିଜ ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ବିକାଶ କରିବା ପାଇଁ ଉପଦେଶ ଦେଇଥିଲେ। ସଭାପତି ପଟେଲ ରୋଟାରୀ କ୍ଲବ ତରଫରୁ କରାଯାଉଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ଶୁଭେନ୍ଦୁ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ବାଳଗୋପାଳ ମିଶ୍ର ଓ ସର୍ଜେଣ୍ଟ ପ୍ରଦୀପ ଦାସ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରୋଟିରିଆନ ଚୈତାଳୀ ଦତ୍ତ, ପ୍ରତିଭା ମିଶ୍ର, ସମରନ ନାଏକ, କମଳ ନାଏକ, ତୁଷାର ଠାକୂର, ଅମରଜ୍ୟୋତୀ ସିଂହ, ଦୀନକୃଷ୍ଣ ଭିତିରିଆ, ଅହୀମ ବେହେରା,ସଞ୍ଜୟ ଅଗ୍ରୱାଲା, ବିଶ୍ୱମୋହନ ପୁରୋହିତ, ସମୀର କର, ସୁରେଶ ଚନ୍ଦ୍ର ପୃଷ୍ଟି ଓ ଗଣେଶ ରୋହିଲା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କ୍ଲବ ସଚିବ ଶୋଭନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ

**କୁତ୍ରା,୨୭।୯(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୬୮ତମ ବିଦ୍ୟାଳୟ ସମୂହ ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗୀତା ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ତଲସରା ବିଧାୟକ ତଥା ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭୋଇ ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ ଜିଲା କୁତ୍ରା ଉଚ୍ଚ ବିଦ୍ୟାଳୟରେ ଏଭଳି ଏକ ରାଜ୍ୟ ସ୍ତରୀୟ ପ୍ରତିଯୋଗୀତା ସୁନ୍ଦର ଭାବେ ଅୟୋଜନ ହେଉଥିବାରୁ ପ୍ରଶଂସା କରିଥିଲେ। ଏହି କବାଡି ଖେଳକୁ ଜାତୀୟ ସ୍ତରକୁ ନେଇ ସୁନାମ ଅର୍ଜନ କରିବା ପାଇଁ କହିଥିଲେ। ସମ୍ମାନୀତ ଅତିଥିଭାବେ ରାଜ୍ୟ ଶାରୀରିକ ଶିକ୍ଷା ବିଭାଗ ସହକାରୀ ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ପରିଡା, ଏଡିଏମ ରବି ନାରାୟଣ ସାହୁ, ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ର ଶେଖର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶାଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ଲାକ୍ରା, ପ୍ରଧାନ ଶିକ୍ଷକ ନଳିନୀ କାନ୍ତ ଶାଶିନି, ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ ଅପରେସନ ବିଭାଗ ମୁଖ୍ୟ ଅନିଲ ସିଂ, ସିଏସଆର ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ରାଉତ, ବିଭିନ୍ନ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀମାନେ ଯୋଗଦେଇଥିଲେ। ପରେ ଅନୁଷ୍ଠାନର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗୀତାରେ ୧୭ ବର୍ଷରୁ କମ ଓ ୧୪ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବିଭାଗର ପ୍ରତିଯୋଗୀତା ଅନୁଷ୍ଠିତ ହେଉଥିବା ବେଳେ ରାଜ୍ୟର ସମସ୍ତ ଜିଲାର କବାଡି ଦଳ ଅଂଶ ଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଶିକ୍ଷକ ଡ. ବିଭୀଷଣ ବାରିକ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା ଶେଷରେ ପ୍ରଧାନ ଶିକ୍ଷକ ନଳିନୀ କାନ୍ତ ଶାସିନି ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ହୁଣ୍ଡି ଭାଙ୍ଗି ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି

#### ବାସୁପାଲି ପଞ୍ଚ ଲିଙ୍ଗେଶ୍ୱର ମନ୍ଦିର



ଦେବଗଡ଼,୨୭।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ବାସୁପାଲିସ୍ଥିତ ବାବା ଶ୍ରୀ ପଞ୍ଚ ଲିଙ୍ଗେଶ୍ୱର ମହାଦେବ ମନ୍ଦିର ହୁଣ୍ଡି ଗୁରୁବାର ରାତିରେ ଦୁର୍ବୃତ୍ତ ଭାଙ୍ଗି ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଶୁକ୍ରବାର ସକାଳେ ମନ୍ଦିର କମିଟି ସଭାପତି ଲଳିତ ମୋହନ ପ୍ରଧାନ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ବାରକୋଟ ପୋଲିସ ଏକ ମାମଲା ରୁଜୁ କରି ସନ୍ଧାନୀକୁକୁର ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ ଦୀର୍ଘଦିନ ହେଲା ମନ୍ଦିରର ହୁଣ୍ଡି ଖୋଲାଯାଇ ନ ଥିବା ବେଳେ ତହିଁରେ ପ୍ରାୟ ୫୦ରୁ ୬୦ହଜାର ଟଙ୍କା ରହିଥିବା ମନ୍ଦିର କମିଟି ପକ୍ଷରୁ ଆକଳନ କରାଯାଉଥିଲା। ତେବେ ଗୁରୁବାର ରାତିରେ କୌଣସି ଦୁର୍ବୃତ୍ତ ହୁଣ୍ଡି ଭାଙ୍ଗି ଶ୍ରଦ୍ଧାଳୁମାନେ ଦେଇଥିବା ଉପରୋକ୍ତ ଟଙ୍କାକୁ ଚୋରି କରି ନେଇଥିଲା। ସକାଳ ପ୍ରାୟ ୭ଟାରେ ମନ୍ଦିରର ପୂଜକ ଭୋଳେଶ୍ୱର ମହାପାତ୍ର ମନ୍ଦିରକୁ ଆସି ହୁଣ୍ଡି ଭଙ୍ଗା ଯାଇଥିବା ଦେଖିବାକୁ ପାଇ ମନ୍ଦିର କମିଟି ସଭାପତି ଲଳିତ ମୋହନ ପ୍ରଧାନ ଓ ସମ୍ପାଦକ ମନୋଜ କୁମାର ପ୍ରଧାନଙ୍କୁ ଜଣାଇଥିଲେ। ସଭାପତି ପ୍ରଧାନ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ମାମଲାରେ କାହାରିଙ୍କୁ ଗିରଫ କରାଯାଇନାହିଁ।

### କରଡୋଲା ସେକ୍ଟରରେ ବ୍ଲକସ୍ତରୀୟ 'ପୋଷଣ ମାସ' ପାଳନ

ସମ୍ବଲପୁର,୨୭।୯(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଅନ୍ତର୍ଗତ ଆଇସିଡିଏସ୍ କରଡୋଲା ସେକ୍ଟର ପୁରୁଣା ଝାଙ୍କରପାଲିରେ ଶୁକ୍ରବାର ବ୍ଲକସ୍ତରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ସ୍ଥାନୀୟ ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ସେକ୍ଟର ନୀରିକ୍ଷିକା ବିଳାସିନୀ ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଷଣ ମାସ ପାଳନ ଉତ୍ସବରେ କରଡୋଲା ସେକ୍ଟରର ସମସ୍ତ ଅଙ୍ଗନୱାଡି କର୍ମୀଙ୍କ ପକ୍ଷରୁ 'ଉତ୍ତମ ପୋଷଣ ସୁସ୍ଥ ଜୀବନ' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଅଙ୍ଗନୱାଡ଼ି କର୍ମୀ ଓ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଶିଶୁମାନଙ୍କୁ ଲୌହସାର, ଶ୍ୱେତସାର ଯୁକ୍ତ ସୁଷମ ଓ ପୃଷ୍ଟିକର ଖାଦ୍ୟ ପ୍ରଦାନ କରିବାକୁ ଉପସ୍ଥିତ ଆଖପାଖ ଅଞ୍ଚଳର ମା'ମାନଙ୍କୁ ପରାମର୍ଶ ଦେଇଥିଲେ। ପୃଷ୍ଟିକର ଖାଦ୍ୟ ସମ୍ପର୍କରେ ମଧ୍ୟ ମା'ମାନଙ୍କୁ ଅବଗତ କରିଥିଲେ। ଏହିଅବସରରେ ବିଭିନ୍ନ ଷ୍ଟଲରେ ଅଙ୍ଗନୱାଡ଼ି କେନ୍ଦ୍ର ପକ୍ଷରୁ ଖାଦ୍ୟର ବିଭିନ୍ନ ନମୁନା ପ୍ରଦର୍ଶନ ସହିତ କ୍ଷୁଦ୍ର ଖାଦ୍ୟଶସ୍ୟର ନମୁନା, ମା' ପାଇଁ ଗଛଟିଏ, ସ୍ୱଚ୍ଛତା ହିଁ ସେବା, ବେଟି ବଚାଓ ବେଟି ପଢ଼ାଓ ଆଦି ସଚେତନତା ଧର୍ମୀ ବ୍ୟାନର ଓ ପୋଷ୍ଟରର ପ୍ରଦର୍ଶନ କରାଯାଇଥିଲା। ମା' ପାଇଁ ଗଛଟିଏ ଅଭିଯାନ ଅନ୍ତର୍ଗତ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହିତ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଝାଙ୍କରପାଲି ସ୍କୁଲ ପରିସର ଓ ଅଙ୍ଗନବାଡ଼ି କେନ୍ଦ୍ରର ସଫେଇ କରାଯାଇଥିଲା।

# ସ୍କୁଲରେ ପରିଚାଳନା ସମିତି ସଭାପତିଙ୍କ ଉନ୍ମତ୍ତକାଣ୍ଡ

## କାର୍ ଧକ୍କାରେ ଛାତ୍ରୀ ଆହତ

ଦେବଗଡ଼,୨୭।୯(ଶଶାଙ୍କ ଶେଖର ଝାଙ୍କର)





ଦେବଗଡ଼ ଜିଲା ରିଆମାଳ ବ୍ଲକ ନୂଆଁଡିହିସ୍ଥିତ ପଞ୍ଚୁପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ସ୍କୁଲ ଛାତ୍ରୀ କାର ଧକ୍କାରେ ଆହତ ହେବା ଘଟଣାକୁ କେନ୍ଦ୍ରକରି ସ୍କୁଲ ପରିଚଳନା ସମିତି ସଭାପତି ବିଦ୍ୟାଳୟ ଶିକ୍ଷକ ଏବଂ ଅନ୍ୟମାନଙ୍କୁ ଗାଳିଗୁଲଜ କରିବା ସହ ଉନ୍ମତ୍ତକାଣ୍ଡ ଘଟାଇଥିବା ଜଣାପଡିଛି। ଏପରି କି ଶିକ୍ଷକଙ୍କୁ ସର୍ବସମ୍ମୁଖରେ ଧକ୍କା ମଧ୍ୟ ମାରିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରୀ ଅନ୍ୟ ଦିନ ଭଳି ଶୁକ୍ରବାର ମଧ୍ୟ ଖାଇଛୁଟିରେ ଘରକୁ ଖାଇବାକୁ ଯାଇଥିଲେ। ଖାଇବା ପରେ ଛାତ୍ରୀ ଜଣକ ଫେରୁଥିବା ବେଳେ ବିଦ୍ୟାଳୟରେ ପହଞ୍ଚିବାକୁ ମାତ୍ର ପ୍ରାୟ ୨ଶହ ମିଟର ଥିବା ବେଳେ ଏକ କାର ତାଙ୍କୁ ଧକ୍କା ଦେବାରୁ ସେ ସାମାନ୍ୟ ଆହତ ହୋଇଥିଲେ। କାର ଚାଳକ ଓ ବିଦ୍ୟାଳୟ ଶିକ୍ଷକମାନେ ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଡାକ୍ତରଖାନାକୁ ପଠାଇବାକୁ ପ୍ରସ୍ତୁତି ଚଳାଇଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରଦୀପ ରଣଜିତ ସେଠାରେ ପହଞ୍ଚିଥିଲେ। ଏଥିପାଇଁ ଶିକ୍ଷକମାନଙ୍କୁ ଦୋଷ ଦେବା ସହ ଗାଳି ଗୁଲଜ କରିଥିଲେ। ଏହା ଦେଖି ଶିକ୍ଷକ ସଞ୍ଜୀୟ ଦେହୁରୀ ଛାତ୍ରୀଛାତ୍ରମାନଙ୍କ ସମ୍ମୁଖରେ ଅଶଭ୍ୟ ଭଷା ପ୍ରୟୋଗ ନ କରିବାକୁ କହିବାରୁ ପ୍ରଦୀପ ଉତକ୍ଷୀପ୍ତ ହୋଇ ତାଙ୍କୁ ମଧ୍ୟ ଅଶଭ୍ୟ ଭାଷାରେ ଗାଳିଗୁଲଜ କରି ଧକ୍କା ମାରିଥିଲେ। ଏହି ସମୟରେ ଦୁର୍ଘଟଣା ଘଟାଇଥିବା କାର ମାଲିକ ପହଞ୍ଚି ନିଜ କାରରେ ଆହତ ଛାତ୍ରୀଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଛାତ୍ରୀ ସୁରକ୍ଷିତ ଭାବେ ଘରକୁ ଫେରିଯାଇଥିବା ଜଣାପଡିଛି। କାର ମାଲିକ ଏବଂ ଆହତ ଛାତ୍ରୀଙ୍କ ପରିବାର ଲୋକଙ୍କ ମଧ୍ୟରେ ବୁଝାମଣା ହୋଇଯିବାରୁ ଥାନାରେ କୌଣସି ଏତଲା ଦିଆଯାଇନାହିଁ। ତେବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରଣଜିତଙ୍କ ଏତାଦୃଶ ବ୍ୟବହାରରେ ଅତିଷ୍ଠ ଶିକ୍ଷକମାନେ ଏ ନେଇ ଥାନାରେ ଅଭିଯୋଗ କରିବାକୁ ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷକ ତପନ କୁମାରେ ପ୍ରଧାନ ଏ ନେଇ ପଛଘୁଞ୍ଚା ଦେଉଥିବାରୁ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଘଟଣାର ବିଚାର ପାଇଁ ଶିକ୍ଷକମାନେ ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ସଦସ୍ୟଙ୍କ ହସ୍ତକ୍ଷେପ ଲୋଡିଥିବା ବେଳେ ଶନିବାର ବୈଠକ ବସିବା ପରେ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ପ୍ରଧାନ ଶିକ୍ଷକ ପ୍ରଧାନଙ୍କୁ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ହେଁ ମୋବାଇଲ ସୁଇଚ ଅଫ୍ ଥିବାରୁ ସମ୍ଭବ ହୋଇନାହିଁ।

# ୨ ସବ୍‌ଇନ୍ସପେକ୍ଟରଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି

## ଥାନାରେ ଅଭିଯୁକ୍ତଙ୍କୁ ଦୁର୍ବ୍ୟବହାର ନିସ୍ତୁକ ମାର ଘଟଣା

ଦେବଗଡ଼,୨୭।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ପୋଲିସ ସଇଡା ଗ୍ରାମର ସନ୍ତୋଷ ସାହୁ ନାମକ ଜଣେ ଅଭିଯୁକ୍ତଙ୍କୁ ଦୁର୍ବ୍ୟବହାର ଓ ନିସ୍ତୁକ ମାର ମାରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉକ୍ତ ଥାନାର ସବଇନ୍ସପେକ୍ଟର ଶ୍ରୀବତ୍ସ ମହାନ୍ତି ଓ ଶ୍ରୀଓମ ପାଢୀଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ସୂଚନାଯୋଗ୍ୟ ଯେ, କିଛିଦିନ ପୂର୍ବେ ସନ୍ତୋଷ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ହୋଇଥିଲା। ତାଙ୍କ ସ୍ତ୍ରୀ ସନ୍ତୋଷଙ୍କ ବିରୋଧରେ ବୁଧବାର ବାରକୋଟ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ବାରକୋଟ ଥାନା ସବ୍‌ଇନ୍ସପେକ୍ଟର ଶ୍ରୀବତ୍ସ ମହାନ୍ତି ବୁଧବାର ଫୋନ ଯୋଗେ ଡାକିବାରୁ ସନ୍ତୋଷ ପୂର୍ବାହ୍ନ ପ୍ରାୟ ୧୧ଟାରେ ଥାନାରେ ପହଞ୍ଚିଥିଲେ। ସନ୍ତୋଷ ଥାନାରେ ପହଞ୍ଚିବାର କିଛି ସମୟ ପରେ ସବ୍‌ଇନ୍ସପେକ୍ଟର ମହାନ୍ତି ତାଙ୍କୁ ଗାଳିଗୁଲଜ କରିବା ସହ ଏକ ବାଡିରେ ତାଙ୍କ ଅଣ୍ଟା ତଳକୁ ମାଡ ମାରିଥିଲେ। ଏହାପରେ ଅନ୍ୟ ଜଣେ ସବଇନ୍ସପେକ୍ଟର ପାଢୀ ତାଙ୍କ ପାଦରେ ନିସ୍ତୁକ ମାଡ ମାରିଥିଲେ। ଫଳରେ ସନ୍ତୋଷ ଚିତ୍କାର କରିବା ସହ ବ୍ଲଡ ପ୍ରେସର ରହିଛି କହି ଛାଡି ଦେବାକୁ ନେହୁରା ହୋଇଥିଲେ। ପରେ ସେମାନେ ମାଡ ମାରିବା ବନ୍ଦ କରି ତାଙ୍କୁ ଛାଡି ଦେଇଥିଲେ। କିଛିସମୟ ପରେ ପୋଲିସ ବାବୁ ତାଙ୍କ ନିକଟରୁ 'ମୁଁ ମୋ ସ୍ତ୍ରୀଙ୍କୁ ଆଉ କେବେ ଗଳିଗୁଲଜ କରିବି ନାହିଁ' ବୋଲି ଚୁକ୍ତିନାମା ଲେଖାଇ ନେଇଥିଲେ। ଏହା ପରେ ସନ୍ତୋଷ ଥାନାରୁ ବାହାରି ଆସି ବାରକୋଟ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଗୁରୁବାର ସନ୍ଧ୍ୟାରେ ସେ ଜିଲା ଆରକ୍ଷୀ ଅଧୀକ୍ଷିକାଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିବା ସହ ୨ ସବ୍‌ଇନ୍ସପେକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଥିଲେ। ଦେବଗଡ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ଏ ଘଟଣାର ତଦନ୍ତ କରୁଥିବା ବେଳେ ଜିଲା ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମ୍ସ ଶୁକ୍ରବାର ଅଭିଯୁକ୍ତ ସବଇନ୍ସପେକ୍ଟର ଶ୍ରୀବତ୍ସ ଓ ଶ୍ରୀଓମଙ୍କୁ ବାରକୋଟ ଥାନାରୁ ଅପସାରଣ କରି ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ସଫେଇ କାର୍ଯ୍ୟକ୍ରମ



ଆୟୋଜିତ ସ୍ୱଚ୍ଛତା କାର୍ଯ୍ୟକ୍ରମ।

ଦେବଗଡ଼,୨୭।୯(ଶଶାଙ୍କ ଶେଖର ଝାଙ୍କର)

ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅଧୀନରେ ଦେବଗଡ଼ ପୌର ପରିଷଦ ପକ୍ଷରୁ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ମଧ୍ୟାହ୍ନରେ ବାବୁସାହି ଛକ-ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ଓ ପ୍ରଧାନପାଟ ଜଳପ୍ରପାତର ପାଦଦେଶରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିସହ ପରିବେଶର ସ୍ୱଚ୍ଛତା ନିମନ୍ତେ ପୌରାଞ୍ଚଳବାସୀଙ୍କୁ ସଚେତନ କରାଯାଇଥିଲା। ସ୍ୱଭାବ ସ୍ୱଚ୍ଛତା ଓ ସଂସ୍କାର ସ୍ୱଚ୍ଛତାର ଆହ୍ୱାନ ଦେଇ ପରିବେଶ ପରିଷ୍କାର ପରିଚ୍ଛନ୍ନତା ଅଭିଯାନରେ ସମସ୍ତେ ସାମିଲ ହେବାକୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦେବଗଡ ପୌରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ ଓ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ ପ୍ରମୁଖ ସାମିଲ ହୋଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ



ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ର ଏବଂ ଅତିଥି।

ବ୍ରଜରାଜନଗର,୨୭।୯ (ବିଜୟ ବରାଡ଼)

ବ୍ରଜରାଜନଗର ମ୍ୟୁନିସିପାଲିଟି ଅନ୍ତର୍ଗତ ରାମପୁର ଉଚ୍ଚବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରାଞ୍ଚଳର ୮ ଗୋଟି ବିଦ୍ୟାଳୟର ୧୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ସିନିୟର ଓ ଜୁନିୟର ଦୁଇ ଭାଗରେ ବିଭକ୍ତ କରାଯାଇଥିଲା ଓଡ଼ିଆ ଭାଷାରେ ବିତର୍କ, ସୁନ୍ଦର୍ ହସ୍ତାକ୍ଷର, ବକ୍ତୃତା, କୁଇଜ, ସଙ୍ଗୀତ ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯାଇଥିଲା। ସେମାନଙ୍କ ମଧ୍ୟରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଘାଟନୀ ଉତ୍ସବରେ କୃତାର୍ଥ ସେଠ ଓ ଉଦ୍‌ଯାପନୀ ସମାରୋହରେ ଝାରସୁଗୁଡ଼ା ଜିଲା ଶିକ୍ଷକ ସଂଘ ସମ୍ପାଦକ ରାଜକିଶୋର ଜେନା ଅତିଥି ଭାବେ ଯୋଗଦେଇଥିଲେ। ରାମପୁର କୋଲିୟରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ସହିତ ଅନ୍ୟ ବିଦ୍ୟାଳୟର ଶିକ୍ଷକ ଦେବଦତ୍ତ ପ୍ରଧାନ, ଚାନ୍ଦୁରାମ ଭୋଇ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

କର୍ଲାମୁଣ୍ଡା/ତୁଣ୍ଡଲା,୨୭।୯
(ପ୍ରଦୀପ କୁମାର ସାହୁ/ଫିରୋଜ କୁମାର ଦାସ)

ଭାରତ ସରକାର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନସ୍ଥ ମୋ ଭାରତ କଳାହାଣ୍ଡି ଶାଖା ଆନୁକୂଲ୍ୟରେ ତଥା କର୍ଲାମୁଣ୍ଡା ବ୍ଲକ ଭୋଇରମୁଣ୍ଡାର ଗଜାନନ ଯୁବକସଂଘ ସହଯୋଗରେ ଶୈବପୀଠ ବେଲଖଣ୍ଡିଠାରେ ସଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଯାଇଛି।ନେହେରୁ ଯୁବକେନ୍ଦ୍ର ଲେଖାପାଳ ଦୁତୀୟା ବନଛୋର ସଭାପତିତ୍ୱ କରିଥିଲେ। ଜିଲା ଯୁବ ଅଧିକାରୀ ପ୍ରସନ୍ନ କୁମାର ମେହେର ମୁଖ୍ୟଅତିଥି ଓ ବେଲଖଣ୍ଡି ଧବଳେଶ୍ୱର ପୀଠ ପରିଚାଳନା କମିଟି ସଭାପତି ପ୍ରାର୍ଥବୀର ସେଲମା, ସମ୍ପାଦକ ପ୍ରଦୀପ ଦୋରା, ବେଲଖଣ୍ଡି ଗ୍ରାମ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ଘନଶ୍ୟାମ ଭୋଇ, ସମାଜ ସେବୀ ହେମସାଗର ସାହୁ, ଗଜାନନ ଯୁବକ ସଂଘ ସଭାପତି ଗିରଧାରୀ ସାହୁ, ସମ୍ପାଦକ ଅଶୋକ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମନ୍ଦିର ପ୍ରାଙ୍ଗଣ, ପର୍ଯ୍ୟଟନ ସ୍ଥଳୀ ସଫେଇ କରିଥିଲେ।

# ମାତିଛନ୍ତି ମୋବାଇଲ ଲୁଟେରା

## ଖବରଦାତାଙ୍କ ମୋବାଇଲ ଚୋରି ଅଭିଯୋଗ

କୁଚିଣ୍ଡା, ୨୭।୯(ବିରଞ୍ଚି ନାରାୟଣ ଦର୍ଶା)

ସମ୍ବଲପୁର ଜିଲାର କୁଚିଣ୍ଡାରେ ମୋବାଇଲ ଚୋରଙ୍କ ପ୍ରାଦୁର୍ଭାବ ବଢିଚାଲିଛି। ଶୁକ୍ରବାର କୁଚିଣ୍ଡା ସାପ୍ତାହିକ ହାଟ ଥିବାରୁ କୁଚିଣ୍ଡା ଧରିତ୍ରୀ ପ୍ରତିନିଧି ବିରଞ୍ଚି ନାରାୟଣ ଦର୍ଶା ହାଟକୁ ପରିବା ସଉଦା ପାଇଁ ଯାଇଥିଲେ। ସାର୍ଟ ପକେଟରେ ସେ ତାଙ୍କ ସାମସଙ୍ଗ ଗେଲେକ୍ସି ମୋବାଇଲ ରଖି ପରିବା କିଣୁଥିବା ସମୟରେ କେହି ଦୁର୍ବୃତ୍ତ ଭିଡର ସୁଯୋଗ ନେଇ ମୋବାଇଲଟି ଚୋରାଇ ନେଇଥିଲେ। ଦର୍ଶାଙ୍କ ମୋବାଇଲରେ ବିଏସ୍‌ଏନଏଲ୍ ନଂ. ୯୪୩୭୨୫୩୫୫୬ ଓ ଜିଓ ନଂ. ୭୦୦୮୧୮୫୨୨୮ ଦୁଇଗୋଟି ସିମକାର୍ଡ ସଂଯୋଗ ଥିଲା। ଏନେଇ ସାମ୍ବାଦିକ ଦର୍ଶା ମୋବାଇଲ ଚୋରି ସମ୍ପର୍କରେ କୁଚିଣ୍ଡା ଥାନାରେ ରିପୋର୍ଟ କରିଛନ୍ତି। ଉକ୍ତ ସାପ୍ତାହିକ ହାଟରେ ସେହି ସମାନ ସମୟରେ କୁଚିଣ୍ଡାର ବ୍ୟବସାୟୀ ବିମଳ ମହାପାତ୍ର ପରିବା ସଉଦା କରୁଥିବା ସମୟରେ ସାର୍ଟ ପକେଟରେ ଥିବା ମୋବାଇଲ ଚୋରାଇ ନେଇଥିଲେ। ସେ ମଧ୍ୟ କୁଚିଣ୍ଡା ଥାନାରେ ଏକ ମୋବାଇଲ ଚୋରି ରିପୋର୍ଟ କରିଥିବା ଜଣାପଡିଛି। ସେହିପରି କୁଚିଣ୍ଡା ଥାନା ଲାଡ ଗ୍ରାମର ଟିକେଶ୍ୱର ପୃଷେଠଙ୍କ ମୋବାଇଲ ପୁରୁଣା ବସଷ୍ଟାଣ୍ଡ ନିକଟରୁ ଚୋରି ହୋଇଥିବା ଥାନାରେ ରିପୋର୍ଟ କରିଛନ୍ତି। ଦଶହରା ଅବ୍ୟବହିତ ପୂର୍ବରୁ କୁଚିଣ୍ଡା ସାପ୍ତାହିକ ହାଟ ଓ ସହରର ବଜାରରେ ଭିଡ ଜମୁଥିବାରୁ ମୋବାଇଲ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇ ଉଠିଛନ୍ତି। ପ୍ରକାଶଥାଉକି ଶୁକ୍ରବାର ଏହି ହାଟରୁ ଅନ୍ୟ ଦୁଇ ଜଣଙ୍କ ମୋବାଇଲ ଚୋରି ହୋଇଥିବା ଚର୍ଚ୍ଚା ହେଉଛି। ମାତ୍ର ଏନେଇ ଥାନାରେ ରିପୋର୍ଟ ହୋଇ ନ ଥିବା ଜଣାପଡିଛି। ତେଣୁ ପୋଲିସ ପକ୍ଷରୁ ଏହି ମୋବାଇଲ ଚୋର ର୍‍ୟାକେଟକୁ ଠାବ କରିବାକୁ ସାଧାରଣରେ ଦାବି ହେଉଛି।

# ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

ଦେବଗଡ଼,୨୭।୯(ଶଶାଙ୍କ ଶେଖର ଝାଙ୍କର)



ବିଶ୍ୱ ପର୍ଯ୍ୟଟନ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଜିଲାପାଳଙ୍କ ବିକାଶ ଭବନଠାରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ହେମନ୍ତ ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ଜିଲାରେ ପର୍ଯ୍ୟଟନ ସ୍ଥଳୀର ବିକାଶ ବିଶ୍ୱ ବ୍ୟାପି ପର୍ଯଟନର ସାମାଜିକ ସଂସ୍କୃତି, ରାଜନୈତିକ ଓ ଅର୍ଥନୈତିକ ମୂଲ୍ୟବଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହେଉଛି ଏହାର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଣାଅଜଣା ପ୍ରତିଯୋଗିତା କରାଯାଇଥିଲା। ଉଚ୍ଚ ବିଦ୍ୟାଳୟସ୍ତରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଲିପ୍ସା ରାଣୀ ସାହୁ ପ୍ରଥମ, ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପ୍ରିୟବ୍ରତ ସାହୁ ଦ୍ୱିତୀୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଲିପ୍ସା ଭୋଇ ତୃତୀୟ, ମହାବିଦ୍ୟାଳୟସ୍ତରରେ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ବୁଢ଼ାପାଲ ମହାରାଜ ଗଗରାଇ ପ୍ରଥମ, ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଦେବଗଡ଼ ଆରିୟନ ସ୍ୱର୍ଣ୍ଣାକର ଦ୍ୱିତୀୟ, ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ବୁଢ଼ାପାଲ ଶୁଭେନ୍ଦୁ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବୈଠକରେ ଜିଲା ମଙ୍ଗଳ ଅଧିକାରୀ ବିଭୁରଞ୍ଜନ ମାହାନ୍ତି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲାସ୍ତରୀୟ ଅଧିକାରୀ, ଜିଲା ପ୍ରଶାସନ କର୍ମଚାରୀ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ସଫେଇ କାର୍ଯ୍ୟ ବିପର୍ଯ୍ୟସ୍ତ

## ବ୍ରଜରାଜନଗର ମ୍ୟୁନିସିପାଲିଟି

■ବିଦ୍ୟାଳୟ ଆଗରେ କୁଢ଼ କୁଢ଼ ମଇଳା

ବ୍ରଜରାଜନଗର,୨୭।୯(ବିଜୟ ବରାଡ଼)



ସ୍କୁଲ ଗେଟ୍ ସମ୍ମୁଖରେ ଅଳିଆ ଜମା ହୋଇଛି।

ବ୍ରଜରାଜନଗର ମ୍ୟୁନିସିପାଲିଟିରେ ଗତ କିଛି ଦିନ ହେଲା ସଫେଇ କାର୍ଯ୍ୟ ଠିକ ଭାବେ ହେଉନାହିଁ। ଫଳରେ ସହରର ଗଳିକନ୍ଦିର ଛକଗୁଡିକରେ ଅଳିଆ ଜମା ହୋଇ ରହୁଛି। ଯାହାର ଉଦାହରଣ ହେଉଛି ବ୍ରଜରାଜନଗର ମୁଖ୍ୟ ବଜାରରେ ଥିବା ଲାଲା ଲାଜପତ ରାୟ ଉଚ୍ଚ ବିଦ୍ୟାଳୟର ମୁଖ୍ୟ ଫାଟକ। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଘଟଣା ସମ୍ପର୍କରେ ସ୍ଥାନୀୟ କର୍ପୋରେଟରଙ୍କୁ ଅବଗତ କରାଇଥିଲେ ମଧ୍ୟ ତାର କୌଣସି ସୁଫଳ ମିଳିନାହିଁ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କହିବା ଓ ସହର୍‌ର ବୁଦ୍ଧିଜିବୀମାନଙ୍କ ଅଭିଯୋଗ ଅନୁଯାଇ ବିଦ୍ୟାଳୟ ଫାଟକ ସମ୍ମୁଖରେ ପୌର କର୍ମଚାରୀମାନେ ତାଙ୍କ ତିନି ଚକିଆ ଅଟୋ ମାଧ୍ୟମରେ ସହରର ସମସ୍ତ ଅଳିଆକୁ ଆଣି ଗଦା କରନ୍ତି। ଚାରିପାଞ୍ଚ ଦିନ ଅଳିଆ ରହିବା ପରେ ଟ୍ରାକ୍ଟର ସାହାଯ୍ୟରେ ଅଳିଆ ଉଠାନ୍ତି। ଅଳିଆର ଗନ୍ଧରେ କୋମଳମତି ପିଲା ଶ୍ରେଣୀ ଗୃହରେ ବସିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଘଟଣା ସମ୍ପର୍କରେ ପୌରାଧକ୍ଷା ଯାଜ୍ଞସେନୀ ଓରାମଙ୍କୁ ପଚାରିବାରୁ ସେ ସମସ୍ୟା ସମାଧାନ କରିବେ ଓ ଖୁବଶୀଘ୍ର କର୍ମଚାରୀଙ୍କୁ ପଠାଇ ଅଳିଆ ଉଠାଇବାକୁ କହିବେ। ପରବର୍ତ୍ତୀ ସମୟରେ ସେ ଜାଗାରେ ଅଳିଆ ଗଦା କରାଯିବ ନାହିଁ ବୋଲି କହିଥିଲେ। ହେଲେ ଏଯାବତ ତାହା କାର୍ଯ୍ୟକାରୀ ହୋଇନାହିଁ। ଫଳରେ ବିଦ୍ୟାଳୟ ସହିତ ଅଞ୍ଚଳବାସୀ ଏକତ୍ରୀତ ହୋଇ ବିଦ୍ୟାଳୟ ତାଲା ପକାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ବେଆଇନ ଦେଶୀ ମଦ କାରବାର ବନ୍ଦ ଦାବି

ଦେବଗଡ଼,୨୭।୯(ଶଶାଙ୍କ ଶେଖର ଝାଙ୍କର)



ଦାବିପତ୍ର ପ୍ରଦାନ କରାଯାଉଛି।

ଦେବଗଡ ଥାନା ବସାଲଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅସନନାଳୀ ଗ୍ରାମରେ ବ୍ୟାପକ ଭାବେ ବେଆଇନ ଦେଶୀ ମଦ କାରବାର ହେଉଛି। ଏହା ବନ୍ଦ କରିବାକୁ ପୋଲିସ ଓ ଅବକାରୀ ବିଭାଗ ନିକଟରେ ଦାବି ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଅସନନାଳୀ ଗ୍ରାମର ରାଧାକୃଷ୍ଣ କ୍ଲବର ସଭାପତି ଅନୀଲ କୁମାର ସାମଲ, ସମ୍ପାଦକ ବିଜୟ କୁମାର ଦେହୁରୀଙ୍କ ସମେତ ବହୁ ସଦସ୍ୟ ଭାଜପା ନେତା ସୁଧିର କୁମାର ବ୍ରହ୍ମାଙ୍କ ସହିତ ଦେବଗଡ ଥାନା ଓ ଅବକାରୀ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟକୁ ଆସି ଏମର୍ମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉପରୋକ୍ତ ଅଭିଯୋଗ ଅନୁଯାୟୀ ଅସନନାଳୀ ଗ୍ରାମରେ ପ୍ରାୟ ୭ ଶହ ଲୋକ ବସବାସ କରୁଥିବା ବେଳେ ଗ୍ରାମବାସୀଙ୍କ ବାରଣ ସତ୍ତ୍ୱେ ପ୍ରାୟ ୧୦ଜଣ ବ୍ୟକ୍ତି ଗାଁରେ ବେଆଇନ ଦେଶୀ ମଦ ପ୍ରସ୍ତୁତ କରିବା ସହ ବେଆଇନ ଭାବେ ବ୍ୟବସାୟ କରି ଆସୁଛନ୍ତି। ଫଳରେ ଏହାକୁ ପିଇ ବହୁ ଲୋକ ଦୁର୍ଘଟଣାରେ ମୃତାହତ ହେବା ସହ ପରିବାର ଓ ଗାଁରେ ଅଶାନ୍ତି ସୃଷ୍ଟି ହେଉଛି। ଏପରିକି ସ୍କୁଲ, କଲେଜ ଛାତ୍ରୀ ଓ ମହିଳାମାନେ ରାସ୍ତାରେ ଯିବା ସୁରକ୍ଷିତ ମଣୁନାହାନ୍ତି। ଏହାକୁ ଦୃଷ୍ଟି ଦେଇ ଗାଁରେ ବେଆଇନ ଭାବେ ଅସାଧୁ ଦେଶୀ ମଦ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।

# ନର୍ସିଂ ଅଫିସରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନରେ ରୋଗୀ ସେବା ପ୍ରଭାବିତ

ବଲାଙ୍ଗୀର,୨୭।୯ (ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଧାରଣା ଦେଇଥିବା ନର୍ସିଂ ଅଫିସର ଓ ସିଏଚ୍ଓମାନେ।

ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଶୁକ୍ରବାର ଜିଲାର ବିଭିନ୍ନ ହସ୍ପିଟାଲରେ ରୋଗୀସେବା ପ୍ରଭାବିତ ହୋଇଛି। ଦୁଇଦିନ ହେଲା ନର୍ସିଂ ଅଫିସରମାନେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଧାରଣା ଦେଇଥିଲେ। ଶୁକ୍ରବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାରୁ ହସ୍ପିଟାଲ ୱାର୍ଡ ଭିତରେ ଥିବା ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ହସ୍ପିଟାଲ କର୍ତ୍ତୃପକ୍ଷ ନର୍ସିଂ ଛାତ୍ରୀ ଓ ଆଉଟସୋର୍ସିଂ ନର୍ସମାନଙ୍କୁ କାମରେ ନିୟୋଜିତ କରି ସ୍ଥିତି ମୁକାବିଲା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ରୋଗୀସେବା ପ୍ରଭାବିତ ହୋଇଥିବା ଦେଖାଯାଇଛି।

ଧାରଣାରତ ନର୍ସିଂ ଅଫିସରମାନେ କହିଛନ୍ତି ଯେ, ବାରମ୍ବାର ଦାବି କରାଗଲେ ମଧ୍ୟ ସରକାର ସେମାନଙ୍କ କୌଣସି ଦାବିକୁ ପୂରଣ କରିନାହାନ୍ତି। ବିଶେଷକରି ନଭେମ୍ବର ୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସର ମାନଙ୍କର ୬ ବର୍ଷ ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରିରେ ମିଶାଇ ସମସ୍ତ ଆର୍ଥିକ ସୁବିଧା ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଏହାସହିତ ଯୋଗ୍ୟ ନର୍ସିଂ ଅଫସରମାନଙ୍କୁ ବରିଷ୍ଠତା ଭିତ୍ତିରେ ସିନିୟର ନର୍ସିଂ ଅଫିସର ପଦବୀରେ ତୁରନ୍ତ ପଦୋନ୍ନତି ଦେବା, ସହକାରୀ ନର୍ସିଂ ଅଧୀକ୍ଷକ ପଦବୀରେ ପଦୋନ୍ନତି ପାଇଁ ଆବଶ୍ୟକ ଅବା ସ୍ଥିରୀକୃତ ଅବଧିକୁ କମ କରି ୧୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସେବା ଯୋଗାଇ ଆସୁଥିବା ବରିଷ୍ଠ ନର୍ସିଂ ଅଫିସରମାନଙ୍କର ଏକ ସମୟରେ ଦୁଇଟା ପଦୋନ୍ନତି ଦିଆଯିବାକୁ ଦାବି କରିଛନ୍ତି। ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ନିୟୋଜିତ ସରକାରୀ ନର୍ସିଂ ଅଫିସରମାନଙ୍କୁ ସିଏଚ୍ଓ ପଦବୀରୁ ଫେରାଇ ଆଣି କ୍ୟାଡର ପୋଷ୍ଟରେ ବିଭିନ୍ନ ସରକାରୀ

■ ୧୦ ଦଫା ଦାବି ନେଇ ଓଡିଶା ନର୍ସିଂ ସଂଘର ଧାରଣା ଜାରି
■ ହସ୍ପିଟାଲରେ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇବା ବନ୍ଦ କଲେ
■ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ: ସଂଘ

ହସ୍ପିଟାଲଗୁଡ଼ିକରେ ନର୍ସିଂ ସେବା ଯୋଗାଇ ଦେବା ନିମନ୍ତେ ଠୋସ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକରେ ଥିବା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏନ୍ଏଚ୍ଏମ୍ ଅଧୀନରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ନୂତନ ସିଏଚ୍ଓମାନଙ୍କୁ ନିଯୁକ୍ତି ଦିଆଯିବାକୁ ଦାବି କରିଛନ୍ତି। ନିୟମିତ ହୋଇ ନ ଥିବା ଅବଶିଷ୍ଟ ନର୍ସିଂ ଅଫିସରମାନଙ୍କୁ ତୁରନ୍ତ ନିୟମିତ କରାଯିବା, ନର୍ସିଂ ଅଫିସରମାନଙ୍କ ଡ୍ରେସ କୋଡ୍ ପରିବର୍ତ୍ତନ କରାଯିବା ସହିତ ନର୍ସିଂ ସେବା କ୍ୟାଡରରେ ଥିବା ପ୍ରଶାସନିକ ପଦବୀରେ ଡ୍ରେସ କୋଡର ପରିବର୍ତ୍ତନ କରାଯିବା ଓ ଆଉଟସୋର୍ସିଂ ଏଜେନ୍ସି ମାଧ୍ୟମରେ ହେଉଥିବା ନର୍ସିଂ ଅଫିସରମାନଙ୍କର ନିଯୁକ୍ତିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରାଯାଇଛି। ଯେହେତୁ ନର୍ସିଂ ଅଫିସରମାନେ ଜରୁରୀକାଳୀନ ସେବାରେ ନିୟୋଜିତ ଅଛନ୍ତି, ତେଣୁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ସମସ୍ତ ସାଧାରଣ ଛୁଟି ଦିନ ବଦଳରେ ନର୍ସିଂ ଅଫିସରଙ୍କ କ୍ଷେତ୍ରରେ କ୍ଷତିପୂରଣ ଛୁଟି, ଦରମା ପ୍ରଦାନ ଉପରେ ସ୍ଥାୟୀ ନିର୍ଦ୍ଦେଶନାମା ଜାରି କରାଯିବାକୁ ଦାବି କରାଯାଇଛି। ବଲାଙ୍ଗୀର ନର୍ସିଂ ଅଫିସର ଆସୋସିଏଶନ୍ ସଂଘ ସଭାପତି କୌଶଲ୍ୟା ନାଏକ ଓ ସମ୍ପାଦିକା ସବିତା ସେଠ୍ଙ୍କ ଉପସ୍ଥିତିରେ ଶୁକ୍ରବାର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ କାର୍ଯ୍ୟରତ ନର୍ସିଂ ଅଫିସରଙ୍କ ସମେତ ଜିଲାର ପାଟଣାଗଡ, ଟିଟିଲାଗଡ, କଣ୍ଟାବାଞ୍ଜି, ତୁଷରା, ଖପ୍ରାଖୋଲ ସମେତ ଅନ୍ୟ ସିଏଚ୍ସି ଓ ହସ୍ପିଟାଲଗୁଡ଼ିକରେ ନର୍ସିଂ ଅଫିସର ଓ ସିଏଚ୍ଓମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏନେଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଧୀକ୍ଷିକା ଡା. ମାନସୀ ପଣ୍ଡାଙ୍କୁ ପଚରାଯିବାରୁ ନର୍ସିଂ ଅଫିସର ଓ ସିଏଚ୍ଓମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ଦ୍ୱାରା ରୋଗୀ ସେବା ପ୍ରଭାବିତ ହୋଇଛି। ତେବେ ଆଉଟସୋର୍ସିଂ ନର୍ସିଂ କର୍ମଚାରୀ ଓ ନର୍ସିଂ ଛାତ୍ରୀଛାତ୍ରଙ୍କୁ ନେଇ ରୋଗୀସେବା ଚାଲିଛି ବୋଲି ସେ କହିଛନ୍ତି।

# ସାମାଜିକ ଗଣମାଧ୍ୟମର ବ୍ୟବହାର ସୁରକ୍ଷା ଉପରେ ସଚେତନତା ଶିବିର



ତାଲୁକ ଆଇନ ସେବା ସମିତି ଅଧକ୍ଷା ବକ୍ତବ୍ୟ ରଖୁଛନ୍ତି।

ଲୋଇସିଂହା,୨୭।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ହରେକୃଷ୍ଣ ମହତାବ ଉଚ୍ଚ ବିଦ୍ୟାଳୟଠାରେ ସ୍ଥାନୀୟ ତାଲୁକ ଆଇନ ସେବା ସମିତି ଅଧକ୍ଷା ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁହାନୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ 'ସାମାଜିକ ଗଣମାଧ୍ୟମ ବ୍ୟବହାରରେ ସତର୍କତା ଏବଂ ସୁରକ୍ଷା' ନେଇ ଏକ ଆଇନ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଲୋଇସିଂହା ତାଲୁକ ଆଇନ ସେବା ସମିତିର ସଦସ୍ୟ ବିବୁଲ ମହାକୁର ସ୍ୱାଗତ ଅଭିଭାଷଣ ରଖିବା ସହ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଦ୍ଧବ ଚରଣ ପଟେଲ, ସହକାରୀ ଶିକ୍ଷକ ଭକ୍ତ ଚରଣ ନାଏକ, ପଦ୍ମିନୀ ନାଏକ ମଞ୍ଚାସୀନ ଥିଲେ। ଅଧକ୍ଷା ପଟ୍ଟନାୟକ ପ୍ରଥମେ ଛାତ୍ରୀଛାତ୍ରଙ୍କୁ ଆଇନ ସେବା ପ୍ରାଧିକରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ଏହାପରେ ବର୍ତ୍ତମାନ ସମୟରେ ବହୁଳ ଭାବରେ ବ୍ୟବହାର ହେଉଥିବା ସାମାଜିକ ଗଣମାଧ୍ୟମ ସମ୍ପର୍କରେ ଆଲୋକପାତ କରିଥିଲେ। ସାମାଜିକ ଗଣମାଧ୍ୟମର ଦୁରୁପଯୋଗରୁ ଦୂରେଇ ରହି ସଦ୍ଉପଯୋଗ ତଥା ଶିକ୍ଷା ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସଭାରେ ଲୋଇସିଂହା କୋର୍ଟର ସୌମ୍ୟ ରଞ୍ଜନ ମିଶ୍ର, କ୍ଷେତ୍ରବାସୀ ମିଶ୍ର, ସଞ୍ଜୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିବୁଲ ମହାକୁର ଧନ୍ୟବାଦ ପ୍ରଦାନ କରିଥିଲେ।

## ସଂକ୍ଷେପରେ

# ସଫେଇ ମିତ୍ର ସଚେତନତା ଶିବିର

ଖପ୍ରାଖୋଲ,୨୭।୯(ଅଭୟ ତ୍ରିପାଠୀ)

ସ୍ଥାନୀୟ ବ୍ଲକ ସଭାଗୃହଠାରେ ଗ୍ରାମୀଣ ଜଳ ଯୋଗାଣ ବିଭାଗ ତରଫରୁ ସଫେଇ ମିତ୍ର ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟଅତିଥି ଭାବେ ବ୍ଲକ ଅର୍ଥ ଅଧିକାରୀ ହରେକୃଷ୍ଣ ମେହେର, ସମ୍ମାନିତ ଅତିଥି ଭାବେ ସହକାରୀ ଯନ୍ତ୍ରୀ କୁଳମଣି ଭୋଇ ଯୋଗଦେଇ ସ୍ୱଚ୍ଛତା ଉପରେ ସଚେତନତାର ବାର୍ତ୍ତା ଦେଇଥିଲେ। ପରେ ଶପଥ ପାଠ ହୋଇଥିଲା। ବ୍ଲକ ସଂଯୋଜକ ଫକୀର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଭୟ ତ୍ରିପାଠୀ, ଦିଲୀପ ରାଉତ, ଦୀପକ ବେହେରା,ସୂର୍ଯ୍ୟଭାନୁ ମେହେର, ତାପସ ବେହେରାଙ୍କ ସମେତ ଏମବିକେ, ସିଆରପି, ସଫେଇ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସାଲେଭାଟ ପେଟ୍ରୋଲ ପମ୍ପରେ ମିଳୁନି ତେଲ

ଲୋଇସିଂହା,୨୭।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାଲେଭଟାସ୍ଥିତ ଏକ ପେଟ୍ରୋଲ ପମ୍ପରେ ଦୁଇ ସପ୍ତାହରୁ ଅଧିକ ସମୟ ହେଲା ତେଲ ମିଳୁନାହିଁ। ଏହାକୁ ନେଇ ସାଧାରଣ ଯାତ୍ରୀଙ୍କୁ ହଟହଟା ହେବାକୁ ପଡୁଛି। ଅପରପକ୍ଷେ ପେଟ୍ରୋଲ ପମ୍ପ ନିକଟରେ ଖୁଚୁରା ତେଲ କିଣି ଉପଭୋକ୍ତାଙ୍କୁ ଶୋଷଣର ଶିକାର ହେବାକୁ ପଡୁଛି। ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ଗତକିଛି ବର୍ଷ ତଳେ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱ ସାଲେଭଟା-କୁଟାସିଂହା ରାସ୍ତାରେ ଉକ୍ତ ପେଟ୍ରୋଲ ପମ୍ପ ସ୍ଥାପନ କରାଯାଇଛି। ୨୬ ନଂ ଜାତୀୟ ରାଜପଥ ବଲାଙ୍ଗୀର ସହରରୁ ୩୦ କିମି ଏବଂ ବରପାଲି ଠାରୁ ମଧ୍ୟ ସମାନ ଦୂରତାରେ ସାଲେଭାଟ ଅବସ୍ଥିତ। ଏଣୁ ୨୬ ନଂ ରାଜପଥର ଯାତ୍ରୀ ଏବଂ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଉକ୍ତ ପେଟ୍ରୋଲ ପମ୍ପ ଉପରେ ନିର୍ଭର କରିଥାନ୍ତି। ଉକ୍ତ ପେଟ୍ରୋଲ ପମ୍ପ ଆରମ୍ଭ ସମୟରୁ ମଝିରେ ମଝିରେ ଏପରି ସମସ୍ୟା ଲାଗି ରହିଥାଏ। ହେଲେ ଚଳିତ ମାସ ପ୍ରାରମ୍ଭରୁ ଉକ୍ତ ପେଟ୍ରୋଲ ପମ୍ପରେ ତେଲ ମିଳୁନାହିଁ। ଏଠାରେ ଅସ୍ଥାୟୀ ଭାବରେ ତେଲ ବନ୍ଦ ରହିଛି ନା ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି ଏନେଇ ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସେଠାରେ କୌଣସି ସୂଚନା ଦିଆଯାଇନାହିଁ। ଫଳରେ ଦୂରଦୂରାନ୍ତରୁ ଆସୁଥିବା ରାଜପଥ ଯାତ୍ରୀମାନେ ଯାନବାହନରେ ତେଲ ପକାଇବାକୁ ଉକ୍ତ ପମ୍ପକୁ ଯାଇ ନିରାଶ ହେବାକୁ ପଡୁଛି। ଏହାର ସୁଯୋଗ ନେଇ କେତେକ ବ୍ୟକ୍ତି ପମ୍ପ ନିକଟ ରାସ୍ତାକଡରେ ଖୁଚୁରାରେ ତେଲ ବିକ୍ରି କରୁଛନ୍ତି। ପମ୍ପ ନିକଟରୁ ଚଢାଦରରେ ଖୁଚୁରା ତେଲ କିଣୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

# ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଉଛି ସୁରଭି

ଲାଠୋର,୨୭।୯(ଭୁବନେଶ୍ୱର ବାରିକ)


ଲୋକନୃତ୍ୟରେ ଭାଗ ନେଇଥିବା ପତ୍ରାପାଲି ବିଦ୍ୟାଳୟର ଛାତ୍ରୀମାନେ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ଶିକ୍ଷା ବ୍ଲକ ଅନ୍ତର୍ଗତ ଟଙ୍କପାଣି କ୍ଲଷ୍ଟର ଅଧୀନ ମସିଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଞ୍ଚୁ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ୧୦ ଗୋଟି ବିଦ୍ୟାଳୟର ୨୨୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ସୁରଭି କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି। ସାଧନ କେନ୍ଦ୍ର ସଂଯୋଜକ ସୁନିଲ ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଶିଶୁଠାରେ ଛପି ରହିଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଉଛି ସୁରଭି। ପ୍ରତ୍ୟେକ ଶିଶୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆୟୋଜନ ହେଉଥିବା ପ୍ରତିଯୋଗିତାରେ ଭାଗ ନେଲେ ନିଶ୍ଚିତ ରୂପେ ତାଙ୍କର ବିକାଶ ହୋଇପାରିବ ବୋଲି କହିଥିଲେ। ଅନ୍ୟଅତିଥିଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନିକେତନ ବରିହା, କରୁଆଁଝର ସରପଞ୍ଚ ଜପସ୍ୱିନୀ ସାହୁ, ସମିତି ସଭ୍ୟ ସନ୍ତୋଷ ତାଣ୍ଡି, ଲାଠୋର ପୂର୍ବତନ ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତ ରଖିଥିଲେ। ଚଳିତବର୍ଷ ପ୍ରଥମ ଥର ପାଇଁ ପ୍ରଥମରୁ ତୃତୀୟ ଶ୍ରେଣୀ ପିଲା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଗଣିତ କୁଇଜ, ଗଣିତ ଦୌଡ଼, ଗଳ୍ପ କଥନ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଚତୁର୍ଥ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଜୁନିୟର ଗ୍ରୁପ ଏବଂ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ସିନିୟର୍ ଗ୍ରୁପରେ ବିଭକ୍ତ କରି କୁଇଜ, ରଚନା, ବକ୍ତୃତା, ହସ୍ତାକ୍ଷର ପ୍ରତିଯୋଗିତା, ଚିତ୍ରାଙ୍କନ, ପେଣ୍ଟିଂ, ସଙ୍ଗୀତ,ସୁଜନଶୀଳ ଲିଖନ, ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଆଦି ପ୍ରତିଯୋଗିତାର

■ ପ୍ରଥମ ଥର ପାଇଁ ୧,୨,୩ ଶ୍ରେଣୀ ପିଲା ସାମିଲ
■ ୨୦ ଛାତ୍ରୀଛାତ୍ର ବ୍ଲକ ସ୍ତରକୁ ଉନ୍ନୀତ

ଆୟୋଜନ କରାଯାଇଥିଲା। ୧୦ ଗୋଟି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଉଭୟ ଗ୍ରୁପର ୨୦ ଜଣ ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ଉନ୍ନୀତ ହୋଇଛନ୍ତି। ପ୍ରତିଯୋଗିତା ସରିଲା ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକନୃତ୍ୟର ଆୟୋଜନ କରାଯାଇଥିଲା। ଏଥିରେ ଛାତ୍ରୀଛାତ୍ର ସୁନ୍ଦର ପ୍ରଦର୍ଶନ କରି ମନ ମୋହିଥିଲେ। କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା ଶିକ୍ଷକ ମୁକେଶ ସୁନା ଏବଂ ସନ୍ତୋଷ ମେହେର କରିଥିଲେ। ଏହି ଅବସରରେ ସମସ୍ତ ବିଦ୍ୟାଳୟର ଶିକ୍ଷକମାନେ ଯୋଗଦେଇ ସହଯୋଗ କରିଥିଲେ।

# ପଦୋନ୍ନତି ପରେ ଜିଆରଏସ୍ ପଦବୀ ଖାଲି

ଲୋଇସିଂହା,୨୭।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ପରିଷଦ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୫୬୧/ତା୨୪।୦୭।୨୪ର ନିର୍ଦ୍ଦେଶନାମା ଅନୁଯାୟୀ ପଞ୍ଚାୟତସ୍ତରରେ ନିୟୋଜିତ ଗ୍ରାମ ରୋଜଗାର ସେବକ(ଜିଆରଏସ୍)ଙ୍କୁ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ଭାବେ ନିଯୁକ୍ତି ମିଳିଛି। ପଦୋନ୍ନତି ପରେ ଜିଆରଏସ ଭାବେ କାମ କରୁଥିବା ବ୍ଲକରେ ସେମାନେ ନୂତନ ପଦବୀରେ ଯୋଗଦାନ କରିଛନ୍ତି। ଜିଆରଏସ ଭାବେ କାମ କରୁଥିବା ବ୍ଲକ ଏବଂ ହୋମ ବ୍ଲକକୁ ଛାଡି ଅନ୍ୟତ୍ର ବଦଳି ହେବାର ସରକାରୀ ନିର୍ଦ୍ଦେଶାନାମା ରହିଛି। ଇତିମଧ୍ୟରେ ପଦୋନ୍ନତିକୁ ଦୁଇ ମାସ ବିତିଯାଇଥିଲେ ସୁଦ୍ଧା ସେମାନଙ୍କ ବଦଳି ହୋଇନାହିଁ। କେଉଁ ଉଦ୍ଦେଶ୍ୟରେ ବଦଳି ହୋଇନାହିଁ ତହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏବେ ସେମାନେ ନୂତନ ପଦବୀ ସହ ଜିଆରଏସ କାର୍ଯ୍ୟ ତୁଲାଉଛନ୍ତି। ଏଣୁ ଏମ୍ଜିଏନଆରଇଜିଏସ କାର୍ଯ୍ୟରେ ସ୍ୱଚ୍ଛତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହାବ୍ୟତୀତ ଜିଆରଏସଙ୍କ ପଦୋନ୍ନତି ପରେ ପଞ୍ଚାୟତ ସ୍ତରରେ ଏହି ପଦବୀ ଖାଲି ପଡିଛି। ନୂଆ ଜିଆରଏସ ପଦବୀ ସୃଷ୍ଟି ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରି ସାରିଛନ୍ତି। ହେଲେ ତାହା ଜିଲାସ୍ତରରେ କାର୍ଯ୍ୟକାରୀ ହୋଇ ପାରି ନ ଥିବା ଜଣାଯାଇଛି। ଏ ଦିଗରେ ରାଜ୍ୟ ସରକାର ଏବଂ ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ହାତୀ ଉପଦ୍ରବ: ଚିନ୍ତାରେ ଚାଷୀ

ପାଟଣାଗଡ଼,୨୭।୯(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ରେଞ୍ଜରେ ପୁଣି ହାତୀ ଉପଦ୍ରବ ଦେଖାଦେଇଛି। ଗତ କିଛି ଦିନ ତଳେ ହାତୀପଲ ସେମେଲମୁଣ୍ଡା ଗାଁର ଜଣେ ଚାଷୀଙ୍କ ଫସଲ ନଷ୍ଟ କରିଥିଲା। ଏହାପରେ ମାତୁପାଲି ଗାଁ ମୁହାଁ ହୋଇ ବହୁ ଲୋକଙ୍କ ଏକର ଏକର ଜମିର ଫସଲ ଦଳି ଚକଟି ନଷ୍ଟ କରିଥିଲା। ଗୁରୁବାର ପାଟଣାଗଡ଼ ରେଞ୍ଜ ଅନ୍ତର୍ଗତ ମଣ୍ଡୋମହୁଲ ଗାଁର ଚାଷ ଜମିରେ ହାତୀପଲ ପଶି ଏକର ଏକର ଧାନ ଓ କପା ଚାଷ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ବହୁ କଷ୍ଟରେ ଧାର କରଜ କରି ଚାଷୀ ଚାଷ କାର୍ଯ୍ୟ କରିଥିବା ବେଳେ ଏପଟେ ରାତି ସମୟରେ ହାତୀ ପଲ ଚାଷ ଜମିରେ ପଶି ଚାଷ ନଷ୍ଟ କରୁଛନ୍ତି। ଫଳରେ ଚାଷୀ ସାହୁକାରଙ୍କଠାରୁ ଆଣିଥିବା ଟଙ୍କା କିପରି ଫେରସ୍ତ କରିବେ ସେହି ଚିନ୍ତା ଏବେ ଚାଷୀଙ୍କୁ ଘାରିଛି। ପାଟଣାଗଡ଼ ରେଞ୍ଜ ଫରେଷ୍ଟରଙ୍କ ସମେତ ବନବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀପଲକୁ ଘଉଡାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି।

# ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର



ବଲାଙ୍ଗୀର ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରର କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।

ବଲାଙ୍ଗୀର,୨୭।୯(ବୀରେନ୍ଦ୍ର କୁମାର ଝାଙ୍କର)

## ପଥରଚେପା ଓଏଭି ଛାତ୍ରୀ ପ୍ରତୀକ୍ଷା ସାହୁ ପ୍ରଥମ

ବଲାଙ୍ଗୀର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟଠାରେ ଶୁକ୍ରବାର ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୪ଟି ବ୍ଲକରୁ ୧୪ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଚଳିତବର୍ଷର ମୁଖ୍ୟ ବିଷୟ କୃତ୍ରିମ ବୁଦ୍ଧିମତା : ସମ୍ଭାବନା ଓ ଉଦ୍‌ବେଗ ଶୀର୍ଷକରେ ନିଜ ପକ୍ଷ ଉପସ୍ଥାପନ କରିଥିଲେ। ଏହି ପ୍ରତିଯୋଗିତାରେ ପଥରଚେପା ଓଡିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ପ୍ରତୀକ୍ଷା ସାହୁ ପ୍ରଥମ, ଟିଟିଲାଗଡସ୍ଥିତ ମା' ଘଣ୍ଟେଶ୍ୱରୀ ଟାଉନ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ସୌର ଶୋଭନ ରଥ ଦ୍ୱିତୀୟ ଓ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ସ୍ୱାଗତ କୁମାର ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ଦେବବ୍ରତ ଦଣ୍ଡସେନା ଓ ସରକାରୀ ପଲିଟେକନିକ କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ଆବ୍ରାହମ ଶବର ଯୋଗ ଦେଇଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ରାୟଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ରାଜେଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଅଶ୍ୱିନୀ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ପ୍ରତୀକ୍ଷା ସାହୁ ରାଜ୍ୟସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

ବେଲପଡା,୨୭।୯ (ମନୋଜ କୁମାର ମିଶ୍ର)

ବେଲପଡା ବ୍ଲକ ଅନ୍ତର୍ଗତ ନୁନହାଡ଼ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ମହାଖୁଡ଼ (୮୪)ଙ୍କ ଶନିବାର ପରଲୋକ ହୋଇଯାଇଛି। ବେଲପଡା ପୂର୍ବତନ ଜିଲା ପରିଷଦ ସଭ୍ୟ ବସନ୍ତ ମାଝୀ, ପ୍ରହଲ୍ଲାଦ ମେହେର, ବିଜୟ ସାହୁ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଜ୍ୟେଷ୍ଠପୁତ୍ର ବିଜୟ ମହାଖୁଡ଼ ମୁଖାଗ୍ନି ଦେଇଥିଲେ।

# ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ

ଟିଟିଲାଗଡ଼,୨୭।୯ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଆଦିବାସୀ ଭବନ ଠାରେ ଜିଲା ଆଦିବାସୀ କଲ୍ୟାଣ ସଂଘ ତରଫରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟ ତଥା ଆଦିବାସୀ କଲ୍ୟାଣ ସଂଘ ପଶ୍ଚିମ ଓଡିଶା ମହାସଚିବ ନିରଞ୍ଜନବିଶି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଆଦିବାସୀ କଲ୍ୟାଣ ସଂଘର ସମ୍ପାଦକ ହେମେନ୍ଦ୍ରନାଥ ହାଁସଦା, ଜିଲା ସଂଗଠକ ଥବୀର ପୂଝାରୀ ଏବଂ ମୁଖ୍ୟବକ୍ତା ଭାବେ ଲୁହାପ୍ରଗଣା ସଭାପତି ଚୈତନ୍ୟ ମାଝୀ ଯୋଗଦେଇ ଥିଲେ। ଆଦିବାସୀମାନଙ୍କ ଶିକ୍ଷାର ଅଗ୍ରଗତି, ସାମୁହିକ ବିକାଶ, ନିଜର ସଂସ୍କୃତି ଓ ହକ୍ ପାଇଁ ଲଢେଇ କରିବା ଉପରେ ମୁଖ୍ୟଅତିଥି ବିଶି ବକ୍ତବ୍ୟ ରଖିଥିଲେ। ଆଦିବାସୀମାନଙ୍କ ନୃତ୍ୟ ବିଶେଷ ଆକର୍ଷଣ ଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ଦିଲୀପ ମାଝୀ, ହେମନ୍ତ ମାଝୀ, ଗୋଲକ ସିଂଭୋଇ, ଭୁବନ ମାଝୀ,ଦୁର୍ଯ୍ୟୋଧନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୭ ମଣ୍ଡପରେ ହେବ ଦୁର୍ଗାପୂଜା

ବଲାଙ୍ଗୀର, ୨୭।୯ (ବୀରେନ୍ଦ୍ର କୁମାର ଝାଙ୍କର)


ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

■ ବଲାଙ୍ଗୀର ପୌର ପରିଷଦ ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ
■ ପରିମଳ, ଲାଇଟ୍, ଟ୍ରାଫିକ୍ ବ୍ୟବସ୍ଥା ଉପରେ ଆଲୋଚନା

ଆସନ୍ତା ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ଏବଂ ସୁରକ୍ଷିତ ଭାବେ ପାଳନ କରିବାକୁ ବଲାଙ୍ଗୀର ପୌର ପରିଷଦ ପକ୍ଷରୁ ଶୁକ୍ରବାର ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଡକାଯାଇଥିଲା। ଏଥର ସହରର ୧୭ଟି ପୂଜା ମଣ୍ଡପରେ ଦୁର୍ଗାପୂଜା ହେବ। ପୌରାଧକ୍ଷା ଲିକା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର, ସଦର ଏସଡିପିଓ ପ୍ରଦୀପ କୁମାର ସାହୁ, ଟାଉନ୍ ଥାନା ଆଇଆଇସି ଅବନୀ ସାହୁ, ବିଭିନ୍ନ ଦୁର୍ଗା ପୂଜା କମିଟି ସଭାପତି, ସମ୍ପାଦକ ଓ ପ୍ରତିନିଧି, ଅନ୍ୟ ଲାଇନ ବିଭାଗ କର୍ମଚାରୀ ଯୋଗଦାନ କରିଥିଲେ। ପାର୍ବଣ ସମୟରେ ସହରର ଟ୍ରାଫିକ ନିୟନ୍ତ୍ରଣ, ପରିମଳ ବ୍ୟବସ୍ଥା, ଲାଇଟ୍ ସୁବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା। ପାର୍ବଣକୁ ନେଇ ଜାରି କରାଯାଇଥିବା ସରକାରୀ ନିର୍ଦ୍ଦେଶନାମା ପାଳନ, ନିଶା ନିବାରଣ, ଭସାଣି ପାଇଁ ଆଗୁଆ ଅନୁମତି, ଶାନ୍ତିଶୃଙ୍ଖଳାର ସହ ପୂଜା ପାଳନ ଉପରେ ସବିଶେଷ ଆଲୋଚନା ହୋଇଥିଲା। ଟିକ୍ରାପଡା ଦୁର୍ଗା ପୂଜା କମିଟି ସଭାପତି ପ୍ରକାଶ ନେପାକ ଓ ପ୍ରଦୀପ କୁମାର ସାହୁ ରାଣୀବନ୍ଧ ହିଡରେ ଆବର୍ଜନା ଡମ୍ପିଂକୁ ନେଇ ପ୍ରଶ୍ନ କରିଥିଲେ। ଏହାସହିତ ଡେଲିମାର୍କେଟ ରାସ୍ତା ଉପରେ ବଜାର ବସିବା କାରଣରୁ କିଭଳି ଟ୍ରାଫିକ ଅବ୍ୟବସ୍ଥା ହେଉଛି କହିଥିଲେ। ତୁରନ୍ତ ରାଣୀବନ୍ଧ ହିଡ ସଫେଇ ଓ ଡେଲିମାର୍କେଟ ରାସ୍ତାରୁ ବଜାର ଉଠାଇବା ଦିଗରେ ପୌର ପରିଷଦ ଉଦ୍ୟମ କରୁ ବୋଲି ଦାବି କରିଥିଲେ। ଅନ୍ୟ କେତେଜଣ ସଦସ୍ୟ ପାର୍ବଣ ସମୟରେ ନିଶା ନିବାରଣ କରିବା ଉପରେ ପୋଲିସ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ପୌରାଧକ୍ଷା ସାହୁ ପାର୍ବଣକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଉଥିବା ସୂଚନା ଦେଇଥିଲେ। ଏସଡିପିଓ ସାହୁ ଟ୍ରାଫିକ ଓ ଶାନ୍ତିଶୃଙ୍ଖଳା ଉପରେ ଗୁରୁତ୍ୱ ଦେଇଥିଲେ। ଟାଉନ୍ ଥାନା ଆଇଆଇସି ସାହୁ ନିୟମ ମାନିବାକୁ କହିଥିଲେ। ପୌର ନିର୍ବାହୀ ଅଧିକାରୀ ମିଶ୍ର ପରିମଳ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବିଷୟ ଉପରେ ଆଲୋଚନା ହୋଇଥିବା ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଗ୍ରାମସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ବୈଠକ

ଅମରପାଲି,୨୭।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତର ନୂଆଗଡ ରାମଲୀଳା ମଣ୍ଡପ ପ୍ରାଙ୍ଗଣରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହାୟତାରେ ରେଆର ସୋନପୁର ଦ୍ୱାରା ଗ୍ରାମସ୍ତରୀୟ ବିପର୍ଯ୍ୟୟ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ଗଠିତ ହୋଇଯାଇଛି। ଏଥିରେ ପର୍ଯ୍ୟବେକ୍ଷକ ଭାବରେ ଜିଲା ଜରୁରୀକାଳୀନ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱନାଥ ନାୟକ ଯୋଗଦେଇ କମିଟି ଗଠନର ନୀତି ନିୟମ ବିଷୟରେ ଆଲୋଚନା କରିଥିଲେ। ଗ୍ରାମର ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ୱର୍ଡ ସଭ୍ୟ, ଗ୍ରାମ ସମ୍ବଳ କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗଦେଇ ବିପର୍ଯ୍ୟୟ ସମ୍ପର୍କିତ ବିସ୍ତୃତ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ଗ୍ରାମ କମିଟି ଗଠନ କରାଯାଇଥିଲା। ରେଆର ତରଫରୁ ବିଶ୍ୱମ୍ଭର ସାହୁ, ସୁଦାମ ଗାଈଗରିଆ, ମିତ୍ରଭାନୁ ମଲ୍ଲିକ ଯୋଗ ଦେଇଥିଲେ।

# ଅକ୍ଟୋବର ୧୪ରୁ ଚୁଡାଖାଇ ଡଙ୍ଗର ମହୋତ୍ସବ

ତରଭା, ୨୭।୯ (ମାନଭଞ୍ଜନ ମିଶ୍ର)

ଓଡ଼ିଶା ସରକାରଙ୍କ ଦ୍ୱାରା ପର୍ଯ୍ୟଟନର ମାନ୍ୟତା ପାଇଥିବା ଚୁଡାଖାଇ ଡଙ୍ଗର ମହୋତ୍ସବ ଆସନ୍ତା ଅକ୍ଟୋବର ୧୪ ରୁ ୧୬ ତାରିଖ ତିନିଦିନ ଧରି ପାଳନ କରାଯିବ। ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳିତ କରିବା ସକାଶେ ଚୁଡାଖାଇ ଡଙ୍ଗର ମହୋତ୍ସବ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପାହାଡ଼ ପାଦଦେଶରେ କମିଟିର ସଭାପତି ଦଶରଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ବିଡ଼ିଓ ଅନିଲ କୁମାର କୁଲୁ, ଆଇଆଇସି ଅନିତା କିଡୋ, ଏସ୍‌ଆଇ ଲମ୍ବୋଦର ଡାଙ୍ଗ,ଏନଏସି ଉପାଧ୍ୟକ୍ଷ ଗଗନ କୁମାର ଅଗ୍ରୱାଲ,ବ୍ଲକ ଉପାଧ୍ୟକ୍ଷା ଦାଦଶୀ କୁଅଁର, ଡୁଲୁଣ୍ଡା ସରପଞ୍ଚ ଉମା ସାହୁ, ଚାରଭଟ୍ଟା ସମିତି ସଭ୍ୟ ଘନଶ୍ୟାମ ଡାଙ୍ଗ, ପବିତ୍ର କୁମାର ମିଶ୍ର, ମଧୁସୂଦନ ପାଣ୍ଡେ, ସୁବାଷ ଚନ୍ଦ୍ର ସେଠୀ, ଜନାର୍ଦ୍ଦନ ଥନାପତି, ଅକ୍ଷୟ କୁମାର ସାହୁ, ରଘୁନାଥ ରଣା, ଅଶୋକ କୁମାର ସାହୁଙ୍କ ସମେତ ପାହାଡ ଆଖପାଖରେ ଥିବା ସରଗଜ, ବଘିଆ, ଡୁଲୁଣ୍ଡା, କୁଡ଼ସିରା ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ। ବୈଠକରେ ମହୋତ୍ସବ ସମୟରେ ହେଉଥିବା ପ୍ରବଳ ଭିଡକୁ ନିୟନ୍ତ୍ରିତ କରିବା, ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା, ପାନୀୟଜଳ, ଉଠା ଶୌଚାଳୟର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଯାତ୍ରା ସମୟରେ ଭିଡକୁ ଦୃଷ୍ଟିରେ ରଖି ଯାତ୍ରାସ୍ଥଳର ୨ କିମି ପୂର୍ବରୁ ଯାନବାହନ ସବୁ ଅଟକାଇ ଦିଆଯାଉଥିବାରୁ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ଚାଲିଚାଲି ଯାତ୍ରାସ୍ଥଳକୁ ଆସି ପାରୁନାହାନ୍ତି। ଏଣୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମତ ପ୍ରକାଶ ପରେ ଚଳିତବର୍ଷଠାରୁ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ନେଇ ଆସୁଥିବା ଯାନବାହନକୁ ସ୍ୱତନ୍ତ୍ର ପାସ ଦେବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ସରଗଜ ନିବାସୀ ପବିତ୍ର କୁମାର ମିଶ୍ର ପାହାଡ଼ ଆଖପାଖ ଗାଁର ଯୁବକମାନଙ୍କୁ ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟଯେ, ତରଭା ସହରର ଦକ୍ଷିଣରେ ସରଗଜ ଓ ଡୁଲୁଣ୍ଡା ପଞ୍ଚାୟତରେ ଥିବା ଚୁଡାଖାଇ ଡଙ୍ଗରରେ ଆଶ୍ୱିନୀ ଶୁକ୍ଲପକ୍ଷ ଚତୁର୍ଦ୍ଦଶୀରେ କନ୍ଧ ଆଦିବାସୀମାନଙ୍କ ଇଷ୍ଟଦେବୀ ଚୁଡାପାଟ, ସିଗେରପାଟ ଓ ସରଗାସିନିଙ୍କ ପୂଜା କେଉଁ ଆବାହମାନକାଳରୁ ହୋଇ ଆସୁଛି। ବର୍ଷକରେ ଗୋଟିଏ ଦିନ ହେଉଥିବା ଏହି ଯାତ୍ରା ଚୁଡାଖାଇ ଡଙ୍ଗରଯାତ୍ରା ନାମରେ ନାମିତ। ମାନସିକଧାରୀ ତଥା ପାହାଡ଼ ଚିବା ଓ ବଣଭୋଜି କରିବା ଉଦ୍ଦେଶ୍ୟରେ ଯାତ୍ରା ସମୟରେ ସୋନପୁର, ବଲାଙ୍ଗୀର, ବୌଦ୍ଧ, ଫୁଲବାଣୀ, କଳାହାଣ୍ଡି ଜିଲାରୁ ଆସୁଥିବା ୫୦ ହଜାର ଜନସାଧାରଣଙ୍କ ଭିଡ଼ ଜମିଥାଏ। ୨୦୧୮ ମସିହାରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କ ଉଦ୍ୟମରେ ଚୁଡାଖାଇ ପାହାଡ ଓ ଏହାର ସଂସ୍କୃତିକୁ ଓଡିଶା ସରକାର ପର୍ଯ୍ୟଟନର ମାନ୍ୟତା ପ୍ରଦାନ ପରେ ଯାତ୍ରା ୩ଦିନ ଧରି ପାଳନ କରାଯାଉଛି।


ଚୁଡାଖାଇ ଡଙ୍ଗର ମହୋତ୍ସବ ଲାଗି ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା, ଜନପ୍ରତିନିଧି, ଅଧିକାରୀ।

**ଚୁଡାଖାଇ ଡଙ୍ଗର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ**

# ବିଶ୍ୱ ପର୍ଯ୍ୟଟନ ଦିବସରେ କୁଇଜ ପ୍ରତିଯୋଗିତା

ସୋନପୁର,୨୭।୯ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ପର୍ଯ୍ୟଟନ ଶାଖା ତରଫରୁ ଜିଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଯୋଜନା ଓ ସମନ୍ୱୟ ବିଭାଗ ସମ୍ମିଳନୀ କକ୍ଷରେ ଜିଲାର ପର୍ଯ୍ୟଟନ ଉପରେ ହାଇସ୍କୁଲ ଓ ମହାବିଦ୍ୟାଳୟ ସ୍ତରୀୟ ବୁଦ୍ଧି ପରିମାପକ ପ୍ରଶ୍ନୋତ୍ତରୀ ପ୍ରତିଯୋଗିତା(କୁଇଜ) ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ରମେଶ ଗୋଛିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଶ୍ନୋତ୍ତରୀ ପ୍ରତିଯୋଗିତା ପରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଜିଲାର ବିକାଶରେ ପର୍ଯ୍ୟଟନ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରା ଯାଇଥିଲା। ମହାବିଦ୍ୟାଳୟ(ବରିଷ୍ଠ ) ବିଭାଗରେ ମଡେଲ ଡିଗ୍ରୀ ମହାବିଦ୍ୟାଳୟର ଜନ୍ମେଜୟ କର୍ଣ୍ଣ ପ୍ରଥମ, ବିନାୟକ ମେହେର ଦ୍ୱିତୀୟ ହୋଇଥିବା ବେଳେ ସୋନପୁର ମହାବିଦ୍ୟାଳୟର ପଦ୍ମନାଭ ରଣା ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି କନିଷ୍ଠ ବିଭାଗରେ ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ କାଦମ୍ବିନୀ ପୂଜାରୀ ପ୍ରଥମ, ସାହାରା ଟ୍ରଷ୍ଟ ହାଇସ୍କୁଲର ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଧାନ ଦ୍ୱିତୀୟ ଏବଂ ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅନ୍ୟାଷା ଦୀକ୍ଷିତ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ। ବିଚାରକ ଭାବେ ଅମ୍ବୁଜ ବିହାରୀ ଶତପଥି ଓ ବୁଦ୍ଧଦେବ ସା ଯୋଗଦାନ କରିଥିବାବେଳେ ଦିବସର କାର୍ଯ୍ୟକ୍ରମରେ ବିଭାଗୀୟ ବରିଷ୍ଠ ସହାୟକ ସହଦେବ ମେହେର ଓ କନିଷ୍ଠ ସହାୟକ ଆକାଶ ପାଣ୍ଡେ ସହଯୋଗ କରିଥିଲେ।



ମୁଖ୍ୟ ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ପାର୍ବଣ ପୂର୍ବରୁ ରାସ୍ତା ମରାମତି ଦାବି

ପଦ୍ମପୁର,୨୭।୯(ପ୍ରଦୀପ୍ତ ଦାଶ)

ପଦ୍ମପୁର ସହରର ରାସ୍ତାଘାଟ ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ପାର୍ବଣ ପୂର୍ବରୁ ରାସ୍ତା ମରାମତି କରିବା ପାଇଁ ସହର ବାସିନ୍ଦା ଦାବି କରୁଛନ୍ତି। ୧୧ଟି ୱାର୍ଡ ବିଶିଷ୍ଟ ପଦ୍ମପୁର ଏନ୍‌ଏସିର ବିଭିନ୍ନ ଗଳିକନ୍ଦିର ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ରାସ୍ତାରେ ଅନେକ ଖାଲଖମା ସୃଷ୍ଟି ହେବା ସହ ବର୍ଷା ପାଣି ଜମା ହେଉଛି। ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏନଏସି ନିର୍ବାହୀ ଅଧିକାରୀ ରାସ୍ତା ସମସ୍ୟା ଉପରେ ଧ୍ୟାନ ଦେଇ ଶୀଘ୍ର ମରାମତି କରିବା ପାଇଁ ସହର ବାସିନ୍ଦା ଦାବି କରିଛନ୍ତି ।

# ଘୁଡୁକା ନାଚ ମାଧ୍ୟମରେ ସ୍ୱଚ୍ଛତା ସଚେତନତା


କୃଷ୍ଣପ୍ରିୟା କଳା ପରିଷଦ କଳାକାର ଘୁଡୁକା ନାଚ ପରିବେଷଣ କରୁଛନ୍ତି।

ତରଭା, ୨୭।୯ (ମାନଭଞ୍ଜନ ମିଶ୍ର)

**ତରଭାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ**

ସୁବର୍ଣ୍ଣପୁର ଜିଲା ତରଭା ଏନ୍‌ଏସିରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ରାହାଗିରି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷା ବନ୍ଦିତା ନାୟକ, ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ପରିଷଦର ସମସ୍ତ ପାରିଷଦ, କର୍ମଚାରୀ, ଅଙ୍ଗନୱାଡି କର୍ମୀ ଓ ସ୍ୱଚ୍ଛ କର୍ମୀଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ମଞ୍ଚାସୀନ ଅତିଥି ସ୍ୱଚ୍ଛତା ଅବଲମ୍ବନ ଉପରେ ଉଦ୍‌ବୋଧନ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ତୁଷୁରାର କୃଷ୍ଣପ୍ରିୟା କଳା ପରିଷଦ ଘୁଡୁକା ନାଚ ପରିବେଷଣ କରିଥିଲେ। ଏହି ନାଚ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଘୁଡୁକା ନାଚ ମାଧ୍ୟମରେ ସ୍ୱଚ୍ଛତା ସଚେତନତା ପ୍ରଦର୍ଶିତ ହୋଇଥିଲା। ଉଦ୍‌ଘୋଷକ ମାନଭଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଶେଷରେ ନୋଡାଲ ଅଧିକାରୀ ହରିହର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଚକ୍ଷୁ ପରୀକ୍ଷା ଶିବିର: ୧୦୪ ପଞ୍ଜୀକୃତ

ତରଭା, ୨୭।୯(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ପଞ୍ଚାୟତ ସମିତି ସଭାଗୃହରେ ଜିଲା ପ୍ରଶାସନ ଦ୍ୱାରା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୦୪ ଜଣ ପଞ୍ଜୀକୃତ ହୋଇଥିଲେ। ମହାନଦୀ ନେତ୍ର ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡା.କୌଶଳ ପଟେଲ ଏବଂ ପ୍ରିୟଙ୍କା ମହାକୁର ଯୋଗଦେଇ ୧୦୪ ଜଣଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ତନ୍ମଧ୍ୟରୁ ୯ଜଣଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା। ସୁପ୍ରିୟା ନାଗ, ଧର୍ମରାଜ ନାଏକ, ଚନ୍ଦ୍ରଶେଖର ନନ୍ଦ, ଭାଗବତ ପାଣ୍ଡେ ସହଯୋଗ କରିଥିଲେ। ଶିବିରରେ ଯୋଗ ଦେଇଥିବା ଚକ୍ଷୁ ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଏବଂ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ନାଏକ ଯୋଗଦେଇ ଶିବିରର ତତ୍ତ୍ୱାବଧାନ ଏବଂ ସୁପରିଚାଳନା କରିଥିଲେ। ଶିବିର ଆୟୋଜନରେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ, ବିକ୍ରମ ବିଶି, କିଶୋର ଧାରୁଆ ଏବଂ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଆସନ୍ତା ଅକ୍ଟୋବର ୧ରେ ପାଳନ ହେବାକୁ ଥିବା ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ପ୍ରଶାସନ ପକ୍ଷରୁ ଏହି ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା।



ଶିବିରରେ ଡାକ୍ତର ଲୋକଙ୍କ ଚକ୍ଷୁ ପରୀକ୍ଷା କରୁଛନ୍ତି।

## ରକ୍ତଦାନ ଶିବିର : ୪୧ ୟୁନିଟ ରକ୍ତ ସଂଗ୍ରହ

ବାଉଁଶୁଣୀ, ୨୭।୯(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ମା’ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ଶନିବାର ଜାତୀୟ ସେବା ଯୋଜନା ଓ ରେଡକ୍ରସ ୟୁନିଟର ମିଳିତ ଉଦ୍ୟମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଲ ଓ ଓଡିଶା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଭୁବନେଶ୍ୱରର ସଭାପତି ଡ. ଅନୀତା ମେହେର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଉମାକାନ୍ତ ମିଶ୍ର ଓ ସୋନପୁର କୁଲିପାଲି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଭାଗ୍ୟସିନୀ ମିଶ୍ର ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ବାବାରାମ ଦେହୁରୀ ଓ ରେଡକ୍ରସ ୟୁନିଟର ଗୋକୁଳାନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଓ ବାଉଁଶୁଣୀ ଅଞ୍ଚଳର ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ । ଶିବିରରେ ମୋଟ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ବୌଦ୍ଧ ଜିଲା ରେଡ଼କ୍ରସ ତରଫରୁ ଡ. ଜିତେନ୍ଦ୍ର ଜେନା ,ବନୋଜ କୁମାର ପ୍ରଧାନ , ଦିଲିପ ଭୋଇ, ଦୁର୍ଗା ଶବର, ସୁରଜ ଶେଖର ଭୁକ୍ତା ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟ ଏଡିଏମଓ ଡ. ବି. କେ.ଆର.ସି.ଦେଓ ହେମ୍ବ୍ରମ ଶିବିର ପରିଦର୍ଶନରେ ଆସି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।



## ଝାରବନ୍ଧ ଝିଅ ପ୍ରାଇଡ ଅଫ ଇଣ୍ଡିଆରେ ସମ୍ମାନିତ

ଝାରବନ୍ଧ,୨୭।୯(ଦେବେନ୍ଦ୍ର ସାହୁ ): ବରଗଡ଼ ଜିଲା ଝାରବନ୍ଧର ଜୟନ୍ତୀ ସାହୁ ମିସ୍ ଟିମ ଓଡ଼ିଶା ପ୍ରତିଯୋଗିତାରେ ପ୍ରାଇଡ ଅଫ ଇଣ୍ଡିଆରେ ସମ୍ମାନିତ ହୋଇଛନ୍ତି । ସପ୍ଟେମ୍ବର ୨୫ରେ ଦିଲ୍ଲୀରେ ଆୟୋଜିତ ପ୍ରାଇଡ ଅଫ ଇଣ୍ଡିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସମ୍ମାନିତ ହୋଇଥିଲେ। ତାଙ୍କର ଏହି ସଫଳତା ଜିଲା ତଥା ଝାରବନ୍ଧ ବ୍ଲକ ପାଇଁ ଗର୍ବ ଓ ଗୌରବ। ସେ ଝାରବନ୍ଧର ତୁଷାର ସାହୁ ଓ ହେମଲତା ସାହୁଙ୍କ ଝିଅ। ବର୍ତ୍ତମାନ ସେ ସମ୍ବଲପୁର ବୈଦିକ ହାୟର ସେକେଣ୍ଡାରୀ ସ୍କୁଲରେ ଯୁକ୍ତ ୨ କଳା ଛାତ୍ରୀଭାବେ ଅଧ୍ୟୟନରତ ।



# ବଜାର ସୁବିଧା, ଆୟ ବୃଦ୍ଧି ସମ୍ପର୍କରେ ଆଲୋଚନା

ସୋନପୁର,୨୭।୯(ମୃତ୍ୟୁଞ୍ଜୟ ଶତପଥୀ)

**ଏଫ୍‌ପିଓର ଅଗ୍ରଣୀ ଚାଷୀଙ୍କୁ ନେଇ ଜିଲାସ୍ତରୀୟ କର୍ମଶାଳା**

ସୁବର୍ଣ୍ଣପୁର କୃଷକ ଉତ୍ପାଦକ ସଙ୍ଗଠନ(ଏଫ୍‌ପିଓ)ର ଅଗ୍ରଣୀ ଚାଷୀଙ୍କୁ ନେଇ ଏକ ଜିଲାସ୍ତରୀୟ କର୍ମଶାଳା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ଅଧିକାରୀ, ବିଶେଷଜ୍ଞ ଓ ବୈଜ୍ଞାନିକମାନେ ଯୋଗଦାନ କରି ବଜାର ସୁବିଧା ଓ କୃଷକଙ୍କ ଆୟ ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଡିଡିଏମ୍ ନାବାର୍ଡ ଡ. ସତ୍ୟସ୍ୱରୂପ ବେଦାନ୍ତ କର୍ମଶାଳାରେ ଯୋଗଦାନ କରି ଏଫ୍‌ପିଓର ଭୂମିକା ତଥା କୃଷକଙ୍କ ଉନ୍ନତି ବଷୟରେ ବୁଝାଇଥିଲେ। ଭାରପ୍ରାପ୍ତ ମୁଖ୍ୟ ଜିଲା କୃଷି ଅଧିକାରୀ ଧିରେନ୍ଦ୍ର ସିଂହ ବରିହା କୃଷି ଉତ୍ପାଦନ ବୃଦ୍ଧି ପାଇଁ ମୃତ୍ତିକା ପରୀକ୍ଷା, ଲଘୁ ଶସ୍ୟ ଉତ୍ପାଦନ, ପ୍ରକ୍ରିୟା କରଣ ଓ ବିକ୍ରିବଟା ତଥା କୃଷି ବିଭାଗର ଲୋକାଭିମୁଖି ଯୋଜନା ଉପରେ ବିଶେଷ ଆଲୋକପାତ କରିଥିଲେ। ସୋନପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷିକେଶ ଦାସ ଯୋଗଦେଇ ବୈଜ୍ଞାନିକ ପ୍ରଣାଳୀରେ ଉଦ୍ୟାନ କୃଷି ଉତ୍ପାଦନ ଏବଂ କୃଷକ ଉତ୍ପାଦକ ସଙ୍ଗଠନ ଉପଯୋଗୀ ବିଭିନ୍ନ ଯୋଜନା ବିଷୟରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଜିଲା ପ୍ରାଣୀସମ୍ପଦ ଅଧିକାରୀ ଡ. ପରମାନନ୍ଦ ସେଠୀ ପ୍ରାଣୀସମ୍ପଦ ବିଭାଗ ସମ୍ବନ୍ଧୀୟ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଆପିକଲର ନୋଡାଲ ଅଫିସର ସଚିନ କାଳନ୍ଦୀ ଯୋଗଦେଇ କୃଷକ ଉତ୍ପାଦକ ସଙ୍ଗଠନ ସହ ଜଡିତ ହୋଇ ପାରୁଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏଥିରେ ଜିଲାର ୧୨ଟି ଏଫପିଓର ମୁଖ୍ୟ କାର୍ଯ୍ୟନିର୍ବାହୀ(ସିଇଓ) ଓ ବୋର୍ଡ ଅଫ ଡାଇରେକ୍ଟର(ବିଓଡି) ସଦସ୍ୟମାନେ ଯୋଗ ଦେଇ ଅଧିକାରୀଙ୍କ ସହ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ଫସଲ ସଂରକ୍ଷଣ ବୈଜ୍ଞାନିକ ଡ. ତ୍ରିନାଥ ଖଣ୍ଡାୟତରାଏ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କେନ୍ଦ୍ରର ସମ୍ପ୍ରସାରଣ ବୈଜ୍ଞାନିକ ସୁପ୍ରଭା ସେଠୀ ଓ କାର୍ଯ୍ୟକ୍ରମ ସହାୟକ ଲୋପାମୁଦ୍ରା ରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଅଗ୍ରଣୀ ଚାଷୀଙ୍କୁ ନେଇ ଜିଲାସ୍ତରୀୟ କର୍ମଶାଳାରେ ଅତିଥି ଓ ଅଧିକାରୀମାନେ।

# ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

ଡୁଙ୍ଗୁରିପାଲି, ୨୭।୯(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସମୀକ୍ଷା ଜନଶୁଣାଣି ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ୨୦୨୪-୨୫ ଆର୍ଥିକ ବର୍ଷରେ ସମ୍ପାଦିତ ସମସ୍ତ କାର୍ଯ୍ୟର ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା। ଏପିଓ ପ୍ରଦ୍ୟୁମ୍ନ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରି ୨୦୨୪-୨୫ ଆର୍ଥିକ ବର୍ଷର କାର୍ଯ୍ୟ ଖସଡ଼ା ବିବରଣୀ ପାଠ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବୈଠକରେ ଜିଲାପାଳଙ୍କ ପ୍ରତିନିଧି ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲାପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ କୁମାର ମେହେର ନୋଡାଲ ଅଧିକାରୀ ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଜିଲା ସୋସିଆଲ ଅଡିଟର ହୃଷିକେଶ ମହାକୁର, ଏଇ ସୁବନାଥ ମାଝୀ, ଜିପିଓ ଦେବାଶିଷ ମହାନନ୍ଦ, ବ୍ଲକ ଯୋଗାଣ ନିରୀକ୍ଷକ ସୁବ୍ରତ ପାଣି, ବ୍ଲକ ଜନଶୁଣାଣି କମିଟିର ସଦସ୍ୟ ଅବଧୂତ ଆଡବାଙ୍କ, ନୀତେଇ ପାଲ, ସୁବାଷ ଭୋଇ, ରତ୍ନାକର ସେଠ ମଞ୍ଚାସୀନ ଥିଲେ। ବ୍ଲକ ଜନଶୁଣାଣି କମିଟିର ସଦସ୍ୟମାନେ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ହେଉଥିବା କାମ ସବୁ ଠିକ ସମୟରେ ଶେଷ ହେଉ ନ ଥିବା ଓ କାମର ଅଟକଳ ପରିମାଣ ଟଙ୍କା ହିସାବ ମେଳ ନ ଖାଉଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ୧୦୦ ଦିନର କାମ ସହ ୩୬୫ଦିନର ଜୀବନ ଜୀବିକାର ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଉଦ୍ଦେଶ୍ୟ ବୋଲି ଅବଗତ କରିଥିଲେ। ବ୍ଲକ ସାମାଜିକ ସମୀକ୍ଷକ ଅଧିକାରୀ ସଞ୍ଜୟ କୁମାର ବଡମାଲି ସମୀକ୍ଷା ସମୟରେ ଦୃଷ୍ଟି ଗୋଚରକୁ ଆସିଥିବା ୧୨୦ଟି ତ୍ରୁଟି ଓ ଅନିୟମିତତାର ବିବରଣୀ ଉପସ୍ଥାପନା କରିବା ସହ ବିଭିନ୍ନ ପଞ୍ଚାୟତ ତଥା ବିଭିନ୍ନ ବିଭାଗକୁ ପ୍ରାୟ ୨ଲକ୍ଷ ୭୫ହଜାର ଟଙ୍କାର କାରଣ ଦର୍ଶାଇବା ସହ ଜରିମାନା ପାଇଁ ଅବଗତ କରାଇଥିଲେ। ବେହେରାମାଲ ସରପଞ୍ଚ ନରେଶ କୁମାର ପୂଜାରୀ ବ୍ଲକର ବେହେରାମାଲରେ ଥିବା ଏକମାତ୍ର ଗ୍ରାମ୍ୟ ଜଙ୍ଗଲକୁ ଲୋକେ ଗଛଗୁଡିକ କାଟି ନେଉଥିବାରୁ ଜଙ୍ଗଲ ନଷ୍ଟ ହେଉ ଥିବା ନେଇ ଏହାର ପ୍ରତିକାର ପାଇଁ ଅଭିଯୋଗ କରିଥିଲେ। ପିଇଓ, ଭିଏଲପି, ଜିଆର୍‌ଏସ, ନିର୍ବାହୀ ଅଧିକାରୀ, ବ୍ଲକସ୍ତରୀୟ ସମସ୍ତ ଅଧିକାରୀ, ଜଙ୍ଗଲ ବିଭାଗ, ଉଦ୍ୟାନ ବିଭାଗ, ସ୍ୱେଚ୍ଛାସେବୀ କର୍ମୀ, ସରପଞ୍ଚ, ସମିତିସଭ୍ୟ, ସଭ୍ୟା ଅଂଶଗ୍ରହଣ କରିଥିଲେ। ୨୦୨୪-୨୫ ବର୍ଷର ଡୁଙ୍ଗୁରିପାଲି ବ୍ଲକର ୨୬ଟି ପଞ୍ଚାୟତରେ ୨୧ ହଜାର ୪ଶହ ୨ ପରିବାର ଏହି ଯୋଜନାରେ ନାମ ପଞ୍ଜିକରଣ କରିଥିବାବେଳେ ସମସ୍ତ ପରିବାରକୁ ଜବକାର୍ଡ ପ୍ରଦାନ କରାଯାଇଥିଲା। ବ୍ଲକର ୭୨୮୪ ଶ୍ରମିକ କାମ କରିବା ପାଇଁ ଆବେଦନ କରିଥିଲେ। ୭୨୮୪ ଜଣ କାମରେ ଯୋଗଦେଇ ୧୫୫୦୮୭ ଦିନ ଶ୍ରମ ଦିବସ ସୃଷ୍ଟି ହୋଇଥିଲା। ୪୬୫ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୦୫ ପରିବାର ୧୦୦ଦିନ କାମ କରି ଶ୍ରମଦିବସ ସୃଷ୍ଟି କରିଥିଲେ। ବ୍ଲକରେ ୩ କୋଟି ୯୩ ଲକ୍ଷ ୬୩ ହଜାର ଖର୍ଚ୍ଚ କରାଯାଇଛି। ନୋଡାଲ ଅଧିକାରୀ ମେହେର ପ୍ରକଳ୍ପଗୁଡିକର ସମୀକ୍ଷା କରିଥିଲେ। ଚଳିତବର୍ଷ ୧୦୦ଦିନର କାର୍ଯ୍ୟ ଦିବସ ପୂରଣ କରିଥିବା ୩୯ଜଣ ଶ୍ରମିକଙ୍କୁ ମାନପତ୍ର ପ୍ରଦାନ କରି ବୈଠକରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଚେରୁପାଲି ସରପଞ୍ଚ ଦିଲୀପ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।


ଜନଶୁଣାଣି ଶିବିରରେ ଉପସ୍ଥିତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ବୃନ୍ଦ।

## ସଂକ୍ଷେପରେ

### ଆରଏସ୍‌ପି ପରିମଳ କର୍ମଚାରୀ ପୁରସ୍କୃତ

ରାଉରକେଲା,୨୭।୯ (ବିପ୍ଲବ ରଞ୍ଜନ ଦାଶ)

ଆରଏସ୍‌ପିରେ ସ୍ୱଚ୍ଛତା ପକ୍ଷ ପାଳନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିମଳ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଭିଲ ଇଞ୍ଜିନିୟରିଂ ସେବା ବିଭାଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଜିଏମ ଇନ୍‌ଚାର୍ଜ ଏମ୍‌ଏନ୍‌ଭିଏସ୍ ପ୍ରଭାକର ଅଧ୍ୟକ୍ଷତା କରିଥିଲେ। ଏହାସହିତ ସେ ବିଭିନ୍ନ ସଫେଇ କାମରେ ନିୟୋଜିତ ୧୧ଜଣ ଠିକା ଶ୍ରମିକଙ୍କୁ ଟୋକନ ଉପହାର ପ୍ରଦାନ କରିଥିଲେ। ସିଇଏସ୍ ବିଭାଗୀୟ ଜିଏମ୍ ଇନଚାର୍ଜ ପବନ ଗୁପ୍ତା, ଏଚ୍‌ଆର ବିଭାଗର ଜିଏମ୍ ଜି. ଆର ଦାଶ, ଜିଏମ୍ ଓ ସିଇଏସ ଏବଂ ଏଚ୍‌ଆର ବିଭାଗର ଅନ୍ୟ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ସିଇଏସ ବିଭାଗର ଏଜିଏମ ପି. କେ. ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଭିତ୍ତିଭୂମି ଅଭାବ, ମିଳୁନି ସ୍ୱାସ୍ଥ୍ୟସେବା

ରାଉରକେଲା,୨୭।୯(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲାରେ ମାନସିକ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ ଆର୍‌ଜିଏଚ୍ ମାନସିକ ସ୍ୱାସ୍ଥ୍ୟସେବା କେନ୍ଦ୍ରକୁ ୧୦ରୁ ଊର୍ଦ୍ଧ୍ୱ ମାନସିକ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ମାତ୍ର ବିଭାଗରେ ଜଣେ ସୁଦ୍ଧା ମନୋ ବିଶେଷଜ୍ଞ ଡାକ୍ତର ନ ଥିବାରୁ ମାନସିକ ରୋଗୀ ଉଚିତ ଚିକିତ୍ସା ସେବା ନ ପାଇ ଅନ୍ୟତ୍ର ରେଫର ହେଉଛନ୍ତି। ଏଠାରେ ଆଇପିଡି ବ୍ୟବସ୍ଥା ମଧ୍ୟ ହେଉନାହିଁ। ଜଣେ ମନସ୍ତତ୍ତ୍ୱବିତ୍ ଏବଂ ଜଣେ ପିଏସ୍‌ଡବ୍ଲ୍ୟୁଙ୍କ ଭରସାରେ ମାନସିକ ରୋଗୀଙ୍କ ଚିକିତ୍ସା ଚାଲିଛି। ଏତଦବ୍ୟତୀତ ଏଯାଏ ସହରାଞ୍ଚଳ ମାନସିକ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ରୋଗୀ ମାନଙ୍କ ପାଇଁ ଶଯ୍ୟା ସୁବିଧା ଉପଲବ୍ଧ ହୋଇପାରିନି। ଫଳରେ ସହରର ବସ୍ତି ଓ ଗଳିକନ୍ଦିରେ ମାନସିକ ରୋଗଗ୍ରସ୍ତ ଯାଯାବର ଭାବେ ବୁଲୁଥିବା ଦେଖିବାକୁ ମିଳୁଛି।

ପ୍ରକାଶଥାଉକି, ମାନସିକ ରୋଗ ମୁଖ୍ୟତଃ ୧୦ଟି କାରଣରୁ ହୋଇଥାଏ। ନିଜକୁ ହତାଶ ଅନୁଭବ କରିବା ଏବଂ ଡ୍ରଗ୍ସ ଭଳି ଅଧିକ ନିଶାଯୁକ୍ତ ମାଦକ ଦ୍ରବ୍ୟ ଉପଯୋଗ କରିବ ଦ୍ୱାରା ମଣିଷ ମସ୍ତିଷ୍କରେ ବିକୃତି ଭାବନା ଜନ୍ମ ନିଏ। ଫଳରେ ବ୍ୟକ୍ତିଙ୍କ ଭଲମନ୍ଦ ବିଚାର କରିବା ଶକ୍ତି କ୍ଷୀଣ ହୋଇଯାଏ। ମନମୁଖି କାର୍ଯ୍ୟ ଏପରିକି ବଡ ବଡ ଅପରାଧ କରିବାକୁ ମଧ୍ୟ ପଛାନ୍ତି ନାହିଁ। ଏଣୁ ସହରରେ ବଢି ଚାଲିଥିବା ଆପରାଧିକ ମାମଲା ପଛରେ ମାନସିକ ରୋଗୀଙ୍କ ସଂଖ୍ୟା ବୃଦ୍ଧି ମଧ୍ୟ ଅନ୍ୟ ଏକ ପ୍ରମୁଖ କାରଣ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ମାନସିକ ରୋଗୀ ସଂଖ୍ୟା ହ୍ରାସ ଲାଗି ଜିଲାରେ ପ୍ରତିବର୍ଷ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହାଦ୍ୱାରା ମାନସିକ ରୋଗୀ ଚିହ୍ନଟ ସହ ସେମାନଙ୍କୁ ସମାଜରେ ସୁସ୍ଥ ଜୀବନଯାପନ କରିବାର ସୁଯୋଗ ପ୍ରଦାନ କରିବାର ସୁଯୋଗ ରହିଛି। ମାତ୍ର ପରିତାପର ବିଷୟ ରାଉରକେଲା ସହରରେ ଭିତ୍ତିଭୂମି ଅଭାବରୁ ଏହା ବାଟବଣା ହୋଇଛି। ଫଳରେ ସହରରେ ମାନସିକ ରୋଗ ନିୟନ୍ତ୍ରଣ ହୋଇ ପାରୁନାହିଁ। ଏଣୁ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ବୋଲି ମତପ୍ରକାଶ ପାଇଛି। ଏ ନେଇ ବିଭାଗୀୟ ମମସ୍ତତ୍ତ୍ୱବିତ୍ ମନୋରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଲେ, ଦୈନିକ ୧୦ରୁ ଊର୍ଦ୍ଧ୍ୱ ମାନସିକ ରୋଗୀ ଆମ ବିଭାଗକୁ ଆସୁଛନ୍ତି। ଓପିଡିରେ ଯଥାସମ୍ଭବ ଚିକିତ୍ସା ସେବା ପ୍ରଦାନ କରାଯାଉଛି। ମାତ୍ର ଅତି ଜଟିଳ ମାନସିକ ରୋଗ ହୋଇଥିଲେ ଅନ୍ୟତ୍ର ରେଫର କରାଯାଉଛି। ଏଠାରେ ସମସ୍ତ ପ୍ରକାର ଚିକିତ୍ସା ସେବା ଉପଲବ୍ଧ ହେବା ଆମ ହାତରେ ନାହିଁ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଆର୍‌ଜିଏଚ୍ ନିର୍ଦ୍ଦେଶକ ଏମ୍. ଉପାଧ୍ୟାୟଙ୍କୁ ପଚାରିବାରୁ ସେ କହିଲେ, ବିଭାଗର ଭିତ୍ତିଭୂମି ସୁଦୃଢୀକରଣ ଲାଗି ସରକାରଙ୍କୁ ଆରଜିଏଚ୍ ପକ୍ଷରୁ ପୂର୍ବରୁ ଅବଗତ କରାଯାଇଥିଲା। ଏ ନେଇ ପୁଣିଥରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଥିଲେ।



ସହରାଞ୍ଚଳ ମାନସିକ ସ୍ୱାସ୍ଥ୍ୟକେନ୍ଦ୍ର ।

**ରାଉରକେଲାରେ ବଢୁଛି ମାନସିକ ରୋଗୀ ସଂଖ୍ୟା**

# ଜୁନିୟରରେ ରାଜଶ୍ରୀ, ସିନିୟରରେ ସୁଧାଂଶୁ ପ୍ରଥମ


ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଏବଂ ଅତିଥିଗଣ।

**ପର୍ଯ୍ୟଟନ ଓ ସଂସ୍କୃତି ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା**

ରାଉରକେଲା,୨୭।୯(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଶୁକ୍ରବାର ପାନ୍ଥନିବାସଠାରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ପରିପ୍ରେକ୍ଷୀରେ ପର୍ଯ୍ୟଟନ ଏବଂ ସଂସ୍କୃତି ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଜୁନିୟର ବର୍ଗରେ ୭ମରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ର ଓ ଯୁକ୍ତ ୨ରୁ ସ୍ନାତକୋତ୍ତର ସିନିୟର ବର୍ଗରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଜୁନିୟର ଏବଂ ସିନିୟର ବର୍ଗରେ ମୋଟ ୧୩୮ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଆକାଶବାଣୀ କେନ୍ଦ୍ର ଜଗଦାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆହ୍ଲାଦିନ ହୋତା ମୁଖ୍ୟଅତିଥି ଏବଂ ରାଉରକେଲା ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ମହାପାତ୍ର, ପରିସଂଖ୍ୟାନ ସହାୟକ ଦମୟନ୍ତୀ ଭିତ୍ରିଆ, ସୁଶୀଳାବତୀ କଲେଜର ସହକାରୀ ଅଧ୍ୟାପକ ଡକ୍ଟର ମାନସ କୁମାର ବେହେରା, ସହକାରୀ ଅଧ୍ୟାପିକା ଦୀପିକା ମାଝୀ ଏବଂ ରାଉରକେଲା ପର୍ଯ୍ୟଟନ ବିଭାଗର କନିଷ୍ଠ ସହାୟକ କୁମାରୀ ସଙ୍ଗୀତା ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଜୁନିୟର ବର୍ଗରେ ରାଜଶ୍ରୀ ଚନ୍ଦ୍ରକର ପ୍ରଥମ, ଦୀକ୍ଷିତା ବେହେରା ଦ୍ୱିତୀୟ ଓ ସୁପ୍ରଭା ସାହୁ ତୃତୀୟ ହୋଇଥିବାବେଳେ ସିନିୟର ବର୍ଗରେ ସୁଧାଂଶୁ ଦାଶ ପ୍ରଥମ, ଦୁଲେଶ ପଟେଲ ଦ୍ୱିତୀୟ ଓ ଜ୍ୟୋତ୍ସ୍ନାଦେଇ ପ୍ରଧାନ ତୃତୀୟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ।

# ଓଡ଼ିଶା ସେକ୍ରେଟାରିଏଟ୍ ଚାମ୍ପିୟନ

**ସିନିୟର ମହିଳା ହକି ଚାମ୍ପିୟନଶିପ୍ ଉଦ୍‌ଯାପିତ**

ରାଉରକେଲା,୨୭।୯(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ପରିସରରେ ଶୁକ୍ରବାର ହକି ଆସୋସିଏଶନ ଅଫ୍ ଓଡିଶା ପକ୍ଷରୁ ଆୟୋଜିତ ସିନିୟର ମହିଳା ହକି ଚାମ୍ପିୟନଶିପ୍-୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡିଶା ସେକ୍ରେଟାରିଏଟ୍ ଦଳ ଚାମ୍ପିୟନ ହୋଇଛି। ଏହି ଚାମ୍ପିୟନଶିପ୍‌ର ଫାଇନାଲ ମ୍ୟାଚ୍ ସୁନ୍ଦରଗଡ ମହିଳା ହକି ଦଳ ଓ ଓଡ଼ିଶା ସେକ୍ରେଟିଏଟ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଓଡିଶା ସେକ୍ରେଟାରିଏଟ୍ ଦଳ ପେନାଲ୍‌ଟି ସୁଟ୍‌ଆଉଟ୍ ୩-୨ ଗୋଲରେ ସୁନ୍ଦରଗଡ ମହିଳା ହକି ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିପରି ସ୍ପୋର୍ଟସ ହଷ୍ଟେଲ ରାଉରକେଲା ଦଳ ଓଡିଶା ପୋଲିସ ମହିଳା ହକି ଦଳକୁ ୪-୨ ପେନାଲଟି ସୁଟ୍‌ଆଉଟ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲା। ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶା ସେକ୍ରେଟାରିଏଟ୍ ଚାମ୍ପିୟନ ହୋଇଥିବାବେଳେ ରନର୍ସ ଅପ୍ ସୁନ୍ଦରଗଡ ଓ ତୃତୀୟ ଦଳ ଭାବେ ସ୍ପୋର୍ଟସ ହଷ୍ଟେଲ ରାଉରକେଲା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ୪ର୍ଥ ଦଳ ଭାବେ ଓଡ଼ିଶା ପୋଲିସ ମହିଳା ହକି ଦଳ ଚାମ୍ପିୟନଶିପ୍‌ରେ ସ୍ଥାନ ବଜାୟ ରଖିଥିଲା। ଉଦ୍‌ଯାପନୀ ଉତ୍ସବରେ ଆର୍‌ଏସ୍‌ପିର ଜିଏମ୍ ବି. କେ. ଜୋଜୋ, ସ୍ପୋର୍ଟସ ବିଭାଗର ଡେପୁଟି ନିର୍ଦ୍ଦେଶକ ସୁଦୀପ କୁମାର ନାୟକ, ହକି ଓଡିଶା ସଂଘ ଉପସଭାପତି ସନାତନ ସାହୁ, ଡକ୍ଟର ସତ୍ୟ ନାରାୟଣ ମିଶ୍ର, ଆରଏସ୍‌ପିର କ୍ରୀଡ଼ା ଅଫିସର ରଘୁନନ୍ଦନ ପାଢୀ ଓ କାଳୁଚରଣ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।



ଅତିଥିମାନଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

# ୪ ଦିନରେ ପହଞ୍ଚିଲା ନର୍ସିଂ କର୍ମଚାରୀଙ୍କ ଧାରଣା


ନର୍ସିଂ କର୍ମଚାରୀମାନେ ଧାରଣା ଦେଇଛନ୍ତି।

**ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟକାଳ ଯାଏ ଧାରଣା**

ରାଉରକେଲା,୨୭।୯(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍) ସମ୍ମୁଖରେ ଦି ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ରାଉରକେଲା ଶାଖା ପକ୍ଷରୁ ଚାଲିଥିବା ଧାରଣାକୁ ଶୁକ୍ରବାର ୪ର୍ଥ ଦିବସରେ ପହଞ୍ଚିଛି। ଯେଉଁ ପର୍ଯ୍ୟନ୍ତ ରାଜ୍ୟ ସରକାର ସଂଘର ୧୦ ଦଫା ଦାବିକୁ ପୂରଣ ନ କରିଛନ୍ତି ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ସଭାପତି ରଶ୍ମିତା ପ୍ରଧାନ ସୂଚନା ଦେଇଛନ୍ତି। ନର୍ସମାନେ କାର୍ଯ୍ୟବନ୍ଦ କରି ଆନ୍ଦୋଳନରେ ଯୋଗ ଦେଇଥିବାରୁ ଡାକ୍ତରଖାନାରେ ରୋଗୀସେବା ବ୍ୟାହତ ହୋଇଛି। ଏହି ଧାରଣାରେ ସଂଘର ଉପସଭାପତି ଚନ୍ଦ୍ରକାନ୍ତି ସା, ସବିତା ବେହେରା, ସୁକେଶିନୀ ଲେଙ୍କା, ସୁଜାତା ଲାକ୍ରା, ସୁଷମା କୁମାରୀ, ଲଳିତା ଖାଲକୋ, ଲଲି ଜୁମଦା କେରକେଟ୍ଟା, ଲକ୍ଷ୍ମୀ ନାୟକ, ଦୁର୍ଗାବତୀ ସାହୁ, ରାଜକୁମାର ପ୍ରଧାନ, ମାନସ ପଟ୍ଟନାୟକଙ୍କ ସମେତ ସମସ୍ତ ନର୍ସିଂ କର୍ମଚାରୀ ଉପସ୍ଥିତ ଥିଲେ।

# ପତ୍ରପତ୍ରିକା ପଠନ ଜ୍ଞାନ ପରିସରକୁ ବ୍ୟାପକ କରିଥାଏ

ରାଉରକେଲା,୨୭।୯(ଦିନେଶ ମିଶ୍ର)

ସୁନାଫୁଲ ସାହିତ୍ୟ ସଂସଦ ପକ୍ଷରୁ ଆଦିବାସୀ ଅଧ୍ୟୁଷିତ ଡୁଡୁଜାପଡା ବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ଭ୍ରାମ୍ୟମାଣ ପତ୍ରିକା ମେଳା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ମହେନ୍ଦ୍ର ମହାନ୍ତି ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସୁନୀଲ କୁମାର ମହାନ୍ତି ପତ୍ରିକା ମେଳାର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ମେଳାରେ ଛାତ୍ରୀଛାତ୍ରମାନଙ୍କ ପାଇଁ ଶତାଧିକ ପତ୍ରପତ୍ରିକା ଓ ପୁସ୍ତକ ପ୍ରଦର୍ଶନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ନିଜର ପସନ୍ଦ ମୁତାବକ ପତ୍ରପତ୍ରିକା ଓ ପୁସ୍ତକ ନେଇ ପାଠ କରିଥିଲେ। ଏହି ଅବସରରେ ଏକ ସଭା ହୋଇଥିଲା। ସଭାରେ ମାଲଡିହି ଗ୍ରାମପଞ୍ଚାୟତ ସରପଞ୍ଚ ସିମନ ଟପ୍ପୋ ଅତିଥି ଭାବେ ଯୋଗ ଦେଇଥିଲେ। ପାଠ୍ୟପୁସ୍ତକ ବ୍ୟତୀତ ପତ୍ରପତ୍ରିକା ପଠନ ଛାତ୍ରୀଛାତ୍ରମାନଙ୍କ ଜ୍ଞାନ ପରିସରକୁ ଅଧିକ ବ୍ୟାପକ କରିଥାଏ ବୋଲି ଅତିଥି ଟୋପ୍ପୋ ତାଙ୍କ ବକ୍ତବ୍ୟରେ କହିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସୁରଭି କାର୍ଯ୍ୟକ୍ରମ ପାଇଁ ଆସିଥିବା ୧୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ବିଦ୍ୟାର୍ଥୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସିଆରସିସି ସଦାନନ୍ଦ ଗୋଚ୍ଛାୟତ, ଶିକ୍ଷକ ପବିତ୍ର ପାତ୍ର, ସୁବର୍ଣ୍ଣ ମୁନ, ସୁଶୀଲ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

# ଆୟୁଷ୍ମାନ କାର୍ଡ ପାଇଁ ଟଙ୍କା ଆଦାୟ, ୨ ମହିଳା ଅଟକ

ରାଉରକେଲା,୨୭।୯(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୧୫ ଥାନା ଅନ୍ତର୍ଗତ ଲୁଆକେରା ଅଞ୍ଚଳରେ ଶୁକ୍ରବାର ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ କରାଇ ଦେବାକୁ କହି ଟଙ୍କା ଆଦାୟ କରୁଥିବାବେଳେ ସ୍ଥାନୀୟ ଲୋକେ ୨ ମହିଳାଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୧୨୮/୨୪) ରୁଜୁ କରି ତଦନ୍ତ କରୁଛି ବୋଲି ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ଲୁଆକେରା ଅଞ୍ଚଳରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଭାଲୁପତ୍ରା ଓ ଆଜବାଜରାବାହାଲର ଉକ୍ତ ମହିଳା ଦ୍ୱୟ ଘର ଘର ବୁଲି ସ୍ୱାସ୍ଥ୍ୟକାର୍ଡ ବାବଦରେ ୬୦ ଟଙ୍କା ଲେଖାଏ ଆଦାୟ କରୁଥିଲେ। ପୂର୍ବରୁ ରାଜ୍ୟ ସରକାର ପ୍ରଚଳନ କରିଥିବା ବିଜୁ ସ୍ୱାସ୍ଥ୍ୟ କାର୍ଡରେ ୫ଲକ୍ଷ ଟଙ୍କା ରହିଥିଲା। ବର୍ତ୍ତମାନ ସରକାର ପରିବର୍ତ୍ତନ ହୋଇଛି। ତେଣୁ ଆୟୁଷ୍ମାନ କାର୍ଡ ଜରିଆରେ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସେବା ମିଳିବ। ତେଣୁ ଏଥିରେ ନୂତନ ପଞ୍ଜୀକରଣ କରିବାକୁ ମହିଳାମାନେ କୁଆଡେ ଲୋକଙ୍କୁ ବୁଝାଉଥିଲେ। ଏ ସମ୍ପର୍କରେ ସମାଜସେବୀ ସୋନୁ କଂସାରୀ ଏବଂ ଅନ୍ୟମାନେ ଜାଣିବା ପରେ ଘଟଣାର ଅନୁଧ୍ୟାନ କରିଥିଲେ। ପରେ ଥାନାକୁ ସୂଚନା ଦେବା ସହ ବସ୍ତିରେ ମହିଳାଙ୍କୁ ଅଟକ ରଖିଥିଲେ। ପୋଲିସ ଉକ୍ତ ମହିଳାଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି।

# ଯୁବବର୍ଗ ଶ୍ରେଷ୍ଠ ନାଗରିକ ହେବାକୁ ଆହ୍ୱାନ

ରାଉରକେଲା,୨୭।୯(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ମ୍ୟୁନିସିପାଲ କଲେଜରେ ଶୁକ୍ରବାର ରାଜ୍ୟସ୍ତରୀୟ ତ୍ରିଦିବସୀୟ ଏନ୍‌ଏସ୍‌ଏସ୍ କ୍ୟାମ୍ପ ଶୁଭାରମ୍ଭ ହୋଇଯାଇଛି। ଏ ନେଇ କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଡକ୍ଟର ସନାତନ ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ବଂଶୀଧର ମାଝୀ ମୁଖ୍ୟଅତିଥି ଓ ରାଜ୍ୟ ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ପ୍ରଶାସକ ରମେଶ ଚନ୍ଦ୍ର ମାଝୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବଛାତ୍ରଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଏବଂ ନେତୃତ୍ୱ ନେବାର ଅଦମ୍ୟ ସାହସ ରହିଛି। ଯାହାଦ୍ୱାରା ଯୁବସମାଜ ରାଷ୍ଟ୍ର ନିର୍ମାଣରେ ନିଜର ବହୁମୂଲ୍ୟ ଯୋଗଦାନ ସାବ୍ୟସ୍ତ କରିପାରିବେ। ସେହିପରି ଏନ୍‌ଏସ୍‌ଏସ୍ କ୍ୟାମ୍ପ ମାଧ୍ୟମରେ ଯୁବବର୍ଗ ଶ୍ରେଷ୍ଠ ନାଗରିକ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ୧୫ଟି ବିଶ୍ୱବିଦ୍ୟାଳୟରୁ ଶିକ୍ଷାର୍ଥୀ ଅଂଶଗ୍ରହଣ କରିବେ। ୨୦୦ ବିଦ୍ୟାର୍ଥୀ ଏବଂ ୨୦ଜଣ କାର୍ଯ୍ୟକ୍ରମ ଅଧିକାରୀ ଏଥିରେ ଜାତୀୟ ସେବା କାର୍ଯ୍ୟ ସମ୍ପର୍କିତ ପ୍ରତିଭା ପ୍ରଦର୍ଶନ କରିବେ। ଏହାପରେ ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରୀଛାତ୍ରଙ୍କୁ ଚୟନ କରି ଦିଲ୍ଲୀରେ ଆସନ୍ତା ସାଧାରଣତନ୍ତ୍ର ଦିବସ ପାଳନ ସମାରୋହରେ ପରେଡ କରିବାର ସୁଯୋଗ ପ୍ରଦାନ କରାଯିବ। ଗଣିତ ଅଧ୍ୟାପିକା ସଂଯୁକ୍ତା ବେହେରା ସ୍ୱାଗତ ଜଣାଇଥିବା ବେଳେ ଇଂଲିଶ ଅଧ୍ୟାପିକା ଚନ୍ଦ୍ରଲେଖା ପଣ୍ଡା ସଭା ସଂଯୋଜନା କରିଥିଲେ। ଦିବ୍ୟଶକ୍ତି ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଇସ୍ପାତ ସହରରେ ଥମୁନି ଅପରାଧ



ପୋଲିସ ମୁଖ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଉଛି।

**ଡିଆଇଜିଙ୍କୁ କଂଗ୍ରେସ ଦେଲା ଦାବିପତ୍ର**

ରାଉରକେଲା,୨୭।୯(ସଙ୍ଗୀତା ଜେନା)

ରାଉରକେଲାରେ ଗତ ସପ୍ତାହକ ମଧ୍ୟରେ ୨ନାବାଳିକାଙ୍କୁ ଗଣବଳାତ୍କାର ଏବଂ ଜଣେ ଯୁବକଙ୍କୁ ହତ୍ୟା ଘଟଣା ଘଟିଯାଇଛି। ଏହାକୁ ଜାତୀୟ କଂଗ୍ରେସ ନିନ୍ଦା କରୁଛି। ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ବାହ୍ନରେ ରାଉରକେଲା କଂଗ୍ରେସର ଏକ ପ୍ରତିନିଧିମଣ୍ଡଳୀ ଡିଆଇଜି ବ୍ରିଜେଶ ରାୟଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଡିସିସି ସଭାପତି ରବି ରାୟଙ୍କ ନେତୃତ୍ୱରେ ସାବିର ହୁସେନ, ସାରସ୍ୱତର ବାଙ୍ଗରା, ଜ୍ଞାନ ଦାସ, ସରୋଜ ଲେଙ୍କା, ଆଶିଷ ମହାନ୍ତି, ଏସ୍. ଅଶୋକ କୁମାର, ବନମାଳି ବିଶୋୟୀ, ସର୍ବେଶ ସିଂହ, ବିଶ୍ୱନାଥ ବାରିକ, ମାନୁ ସାମଲ, ଇସ୍ତାହାର ମହମ୍ମଦ, ଅନୀଲ ବିଶୋୟୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଡିସିସି ସଭାପତି ରାୟ କହିଲେ, ରାଉରକେଲାକୁ ଡ୍ରଗ୍ସ ମୁକ୍ତ କରାଯାଉ। ବିଭିନ୍ନ ଅଞ୍ଚଳରେ ଚାଲିଥିବା ଜୁଆଖେଳ ବନ୍ଦ, ଦୋକାନରେ ମଦ ପିଇବା ଏବଂ ନାବାଳିକାମାନଙ୍କୁ ବାର୍‌ରେ ପ୍ରବେଶ ନିଷେଧ, ବିନା ଲାଇସେନ୍ସରେ ମଦ ଦୋକାନ ଏବଂ ବାର୍‌କୁ ତୁରନ୍ତ ବନ୍ଦ କରିବାକୁ ସେ ଦାବି କରିଥିଲେ। ଜରୁରୀକାଳୀନ ଭିତ୍ତିରେ ପ୍ରତ୍ୟେକ ଅଞ୍ଚଳରେ ନିରନ୍ତର ପୋଲିସ ପାଟ୍ରୋଲିଂ କରାଯାଉ ବୋଲି ରାୟ ଦାବି କରିଥିଲେ। ଡିଆଇଜି ରାୟ ଦାବିପତ୍ର ଗ୍ରହଣ କରିବା ସହ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଡିଜିଙ୍କୁ ଭେଟିଲେ ରଘୁନାଥପଲ୍ଲୀ ବିଧାୟକ

ରାଉରକେଲା,୨୭।୯(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲାରେ ଗତ କିଛିଦିନ ହେଲା ହତ୍ୟା ଓ ବଳାତ୍କାର ମାମଲା ଗୋଟିଏ ପରେ ଗୋଟିଏ ଘଟିଚାଲିଛି। ରାଉରକେଲା ଜିଲା ପୋଲିସ ସହରରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିପାରୁନାହିଁ। ଏହାସହ ବେଆଇନ ନିଶା କାରବାର, ସଟ୍ଟା ଏବଂ ଜୁଆଖେଳ ବୃଦ୍ଧି ପାଉଛି। ଏହି ଘଟଣାରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ରାଉରକେଲା ଡିଆଇଜି ବ୍ରିଜେଶ ରାୟଙ୍କୁ ସାକ୍ଷାତ କରି ବିସ୍ତୃତ ଆଲୋଚନା କରିଥିବା ବେଳେ ଗୁରୁବାର ଭୁବନେଶ୍ୱର ଗସ୍ତ କରି ପୋଲିସ ଡିଜି ୱାଇ. ବି. ଖୁରାନିଆଙ୍କୁ ସାକ୍ଷାତ କରି ରାଉରକେଲା ସହରରେ ଅଣାୟତ୍ତ ଆଇନଶୃଙ୍ଖଳା ପରିସ୍ଥିତି ବିଷୟରେ ଅବଗତ କରିଛନ୍ତି। ବିଧାୟକଙ୍କ ଅଭିଯୋଗ ପରେ ଡିଜି ଖୁରାନିଆ ଡିଆଇଜି ବ୍ରିଜେଶ ରାୟଙ୍କୁ ସହରରେ ଆଇନଶୃଙ୍ଖଳା ପରିସ୍ଥିତି ସ୍ୱାଭାବିକ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।


ଡିଜିଙ୍କ ସହ ରଘୁନାଥପଲ୍ଲୀ ବିଧାୟକ ।

# ଘଣ୍ଟେଶ୍ୱରୀ ପୀଠରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

ସମ୍ବଲପୁର,୨୭।୯(ପ୍ରମୋଦ ବହିଦାର)

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସମ୍ବଲପୁରର ଅନ୍ୟତମ ପର୍ଯ୍ୟଟନ ଓ ଧାର୍ମୀକ ପୀଠ ଭାବରେ ପରିଚିତ ଚିପିଲିମା(ବାଗବିରା) ସ୍ଥିତ ଘଣ୍ଟେଶ୍ୱରୀ ପୀଠରେ ଶୁକ୍ରବାର 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ବଲପୁର ଧନକଉଡ଼ା ବ୍ଲକ ଅନ୍ତର୍ଗତ କରଡୋଲା ପଞ୍ଚାୟତ ସରପଞ୍ଚ ଗୋରେଖ ରାଉତଙ୍କ ନେତୃତ୍ୱ ତଥା ଧନକଉଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୀଠରେ ସାମୂହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡବ୍ଲୁଇଓ ଅମୂଲ୍ୟ କୁମାର ଭୋଇ, ସହକାରୀ ଯନ୍ତ୍ରୀ ଇଂ ବିଜୟଲକ୍ଷ୍ମୀ ହେମ୍ବ୍ରମ, ଇଂ ଅର୍ଶୀତା ଟପ୍ପୋ, ବିଆରସି ଶଙ୍କର ବାରିକ, ପିଇଓ ଆରତୀ ସାହୁ ପ୍ରମୁଖଙ୍କ ସମେତ ଅଞ୍ଚଳର ସମସ୍ତ ଅଙ୍ଗନବାଡ଼ିକର୍ମୀ, ଆଶାକର୍ମୀ, ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଓ ସାମାଜିକ କର୍ମୀ ଯୋଗଦାନ କରିଥିଲେ। ଏପରି ଏକ ସଫେଇ କାର୍ଯ୍ୟକ୍ରମକୁ କେବଳ ଘଣ୍ଟେଶ୍ୱରୀ ପୀଠ, ମନ୍ଦିରମାନଙ୍କରେ ସୀମିତ ନ ରଖି ଉକ୍ତ ଗ୍ରାମର ବିଭିନ୍ନ ସ୍ଥାନର ସଫେଇ କରାଯିବା ଦିଗରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସରପଞ୍ଚ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲ ଦାବି କରିଥିଲେ।

# ନର୍ସିଂ କର୍ମଚାରୀ ସଂଘର ଆନ୍ଦୋଳନ ଜାରି




ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଧାରଣାରତ ନର୍ସିଂ କର୍ମଚାରୀ।

## ସ୍ୱାସ୍ଥ୍ୟସେବାରେ ନର୍ସିଂ ଛାତ୍ରୀ ନିୟୋଜିତ

ସମ୍ବଲପୁର,୨୭।୯(ପ୍ରମୋଦ ବହିଦାର)

ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ(ଓଏନ୍ଇଏ) ସମ୍ବଲପୁର ଶାଖା ପକ୍ଷରୁ ଶୁକ୍ରବାରଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେମାନଙ୍କ ନ୍ୟାର୍ଯ୍ୟଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି ଓଏନ୍ଇଏର ସମ୍ବଲପୁର ଜିଲା ଅଧ୍ୟକ୍ଷା ନୀରୂପମା ସ୍ୱାଇଁ। ୧୦ଦଫା ଦାବିରେ ବୁଧବାରଠାରୁ ଓଏନ୍ଇଏ ପକ୍ଷରୁ ରାଜ୍ୟବ୍ୟାପି ଆନ୍ଦୋଳନ ଜାରି ରହିଥିବାବେଳେ ଏଥିରେ ପ୍ରଥମ ଦୁଇଦିନ ଆଶୁଚିକିତ୍ସା, ଅସ୍ତ୍ରୋପଚାର, ଲେବର ରୁମ୍, ଆଇସିୟୁ ଓ ଏସ୍ଏନ୍ସିୟୁ ଭଳି ଜରୁରୀକାଳୀନ ସେବାକୁ ବାଦ ଦେଇ ଅନ୍ୟ ସବୁ ସେବାକୁ ବର୍ଜନ କରାଯାଇଥିଲା। ଗୁରୁବାର ପର୍ଯ୍ୟନ୍ତ ସେମାନଙ୍କ ନ୍ୟାଯ୍ୟଦାବି ପୂରଣ ଦିଗରେ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କଲେ ସେମାନେ ୨୭ ତାରିଖ ଅର୍ଥାତ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ କରି ଆନ୍ଦୋଳନକୁ ଯିବେ ବୋଲି ନର୍ସିଂ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଫଳରେ ସକାଳ ୯ଟାରୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ସମସ୍ତ ନର୍ସିଂ କର୍ମଚାରୀ ଓ ଅଧିକାରୀମାନେ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ କରି ଆନ୍ଦୋଳନ ପୂର୍ବକ ଧାରଣରେ ବସିଛନ୍ତି। ଏସମ୍ପର୍କରେ ପ୍ରତିକ୍ରିୟା ରଖି ନର୍ସିଂ କର୍ମଚାରୀ ସଂଘ ସମ୍ବଲପୁର ଜିଲା ଶାଖା ଅଧ୍ୟକ୍ଷା ନୀରୂପମା ସ୍ୱାଇଁ କହିଛନ୍ତି ଯେ, ରାଜ୍ୟର ସଂଘର ନିଷ୍ପତ୍ତି ଅନୁସାରେ ୧୦ ଦଫା ଦାବିରେ ସମ୍ବଲପୁର ଶାଖା ପକ୍ଷରୁ ମଧ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ) ଡା. ସୁଜାତାରାଣୀ ମିଶ୍ର କହିଛନ୍ତି ଯେ, ସମଗ୍ର ରାଜ୍ୟରେ ଷ୍ଟାଫ୍ ନର୍ସମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଅନୁରୂପ ଭାବେ ସମ୍ବଲପୁରରେ ମଧ୍ୟ ଷ୍ଟାଫ ନର୍ସମାନେ ଆନ୍ଦୋଳନ କରିଛନ୍ତି। ମାତ୍ର ଜିଲାରେ କୌଣସି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇ ନାହିଁ। ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଜିଲାର ବିଭିନ୍ନ ପ୍ରୋଜେକ୍ଟରେ କାର୍ଯ୍ୟରତ ସେବିକା, ଫାର୍ମାସିଷ୍ଟ, ଏଏନ୍ଏମ୍ଙ୍କ ସହିତ ନର୍ସିଂ ଟ୍ରେନିଂ ପ୍ରତିଷ୍ଠାନରେ ଅଧ୍ୟୟନରତ ଦ୍ୱିତୀୟ ଓ ତୃତୀୟ ବର୍ଷ ନର୍ସିଂ ଛାତ୍ରୀମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ଥାୟୀ ଭାବେ ନିୟୋଜିତ କରାଯାଇଛି। ତେବେ ଏଠାରେ ଅପେକ୍ଷାକୃତ ଅନଭିଜ୍ଞ ସେବୀକାଙ୍କ ଦ୍ୱାରା ସେବା ଯୋଗାଇବା ସମ୍ଭବ ହେଉଥିବା ରୋଗୀଙ୍କୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଉଛି। ମାତ୍ର ସମ୍ଭବ ହେଉ ନ ଥିବା ରୋଗୀଙ୍କୁ ବୁର୍ଲା ଭିମ୍ସାରକୁ ସ୍ଥାନାନ୍ତର କରାଯାଉଛି ବୋଲି ସିଡିଏମ୍ଓ ଡା. ମିଶ୍ର କହିଛନ୍ତି।

# ହିନ୍ଦୀ ବିଶ୍ୱର ତୃତୀୟ ସର୍ବାଧିକ ଲୋକଙ୍କ ବ୍ୟବହୃତ ଭାଷା




ଜିଲାସ୍ତରୀୟ ହିନ୍ଦି ଦିବସ ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

## ସମ୍ବଲପୁରରେ ଜିଲାସ୍ତରୀୟ ହିନ୍ଦି ଦିବସ ସମାରୋହ

ସମ୍ବଲପୁର,୨୭।୯ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସହରର ଓଡ଼ିଶା ସାଂସ୍କୃତିକ ସମାଜ ଭବନ ଠାରେ ଶୁକ୍ରବାର ଜିଲା ସ୍ତରୀୟ ହିନ୍ଦୀ ଦିବସ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ହିନ୍ଦୀ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ହିନ୍ଦୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦାନ କରିଥିଲେ । ଏହି ଅବସରରେ ହିନ୍ଦୀ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମର ମହାତ୍ମାଗାନ୍ଧୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ, ଭୂକ୍ତାର ଅବସରପ୍ରାପ୍ତ ସହ ପ୍ରଧାପକ ଡା. ରାଧାକୃଷ୍ଣ ବିଶ୍ୱକର୍ମା ମୁଖ୍ୟବକ୍ତା ଭାବେ ଯୋଗ ନେଇ ହିନ୍ଦୀ ଭାଷାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ହିନ୍ଦୀ ଭାଷା କେବଳ ଭାରତର ରାଷ୍ଟ୍ରଭାଷା ନୁହଁ ବରଂ ଫିଜି ଏବଂ ମରିସସ ଦେଶର ମଧ୍ୟ ରାଷ୍ଟ୍ରଭାଷା । ଏହାସହ ବିଶ୍ୱର ତୃତୀୟ ସର୍ବାଧିକ ଲୋକ ବ୍ୟବହାର କରୁଥିବା ଭାଷା । ଆମ ଦେଶରେ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କ ସୃଷ୍ଟି କରିବାର ଭାଷା ଭାବେ ହିନ୍ଦୀ ବ୍ୟବହୃତ ହୋଇ ଆସୁଛି। କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତାଭାବେ ଯୋଗଦେଇ ସହାୟକ ପ୍ରଧାପକ ଡା. ଦୟାନିଧୀ ସା କହିଥିଲେ ଯେ, ହିନ୍ଦିର ପ୍ରଚାର ପ୍ରସାର ଏବେ ସାରା ବିଶ୍ୱରେ ବୃଦ୍ଧି ପାଇବାରେ ଲାଗିଛି । ବିଭିନ୍ନ ଦେଶରେ ହିନ୍ଦି ସମ୍ମିଳନୀମାନ ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଡା. ସୁଷମା ଭୋଇ କହିଥିଲେ, ହିନ୍ଦିର ଭବିଷ୍ୟତ ଉଜ୍ଜ୍ୱଳ। କାର୍ଯ୍ୟକ୍ରମରେ ଜିଲା ବିଜ୍ଞାନ ନିରୀକ୍ଷକ ପାର୍ଥ ସାରଥୀ ପ୍ରଧାନ ଅତିଥି ଭାବରେ ଯୋଗଦେଇ ବିଶ୍ୱ ହିନ୍ଦି ସମ୍ମିଳନୀ ଜରିଆରେ ହିନ୍ଦିର ପ୍ରଚାର ପ୍ରସାର କରାଯାଉଥିବା ବେଳେ ବିଭିନ୍ନ ସଙ୍ଗଠନ ଦେଶ ବିଦେଶରେ ହିନ୍ଦିର ପ୍ରଚାର ପ୍ରସାର ପାଇଁ କରୁଥିବା କାର୍ଯ୍ୟ ବିଷୟରେ କହିଥିଲେ। ଜିଲା ହିନ୍ଦି ଶିକ୍ଷକ ସଂଘ ପକ୍ଷରୁ ସନ୍ଦିପ କୁମାର ସାହୁ ସଭାପତିତ୍ୱ କରିଥିଲେ। ସେହିପରି ହିନ୍ଦି ଶିକ୍ଷୟିତ୍ରୀ ରେଣୁବାଳା ସୋମନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଲୋଚନା କାର୍ଯ୍ୟକ୍ରମ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି କାର୍ଯ୍ୟକ୍ରମ ଅବସରରେ ଜିଲାର ବହୁ ଅବସରପ୍ରାପ୍ତ ହିନ୍ଦିଶିକ୍ଷକ ମାନଙ୍କୁ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଥିଲା ।

# ନିପୁଣ ଓଡିଶା ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ

ସମ୍ବଲପୁର,୨୭।୯(ବି.ଶଙ୍କର)

ସମ୍ବଲପୁର ସହରସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭାଗୃହଠାରେ ଧନକଉଡ଼ା ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଧନକଉଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ସମ୍ବଲପୁର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ଡ.ଗୀତାଞ୍ଜଳି ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହା, ହୀରାକୁଦ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସପ୍ତଶ୍ରୀ ମହାପାତ୍ର ଏବଂ ଜିଲା ଶିକ୍ଷା ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଆଜାଦ ଶେଖର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଜାତୀୟ ଶିକ୍ଷା ନୀତି ଆଧାରରେ ନିପୁଣ ଭାରତ ତଥା ନିପୁଣ ଓଡିଶା ମିଶନ କାର୍ଯ୍ୟକ୍ରମକୁ ବିଦ୍ୟାଳୟସ୍ତରରେ ସୁନିଶ୍ଚିତ କରି ପ୍ରାଥମିକ ବିଦ୍ୟାଳୟସ୍ତର ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଦକ୍ଷତା ଅଭିବୃଦ୍ଧି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ବିଦ୍ୟାଳୟରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର କୌଶଳକୁ ସୁନିଶ୍ଚିତ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଅପରିହାର୍ଯ୍ୟ ଯେପରି କି ୨୦୨୬-୨୭ ସୁଦ୍ଧା ଛାତ୍ରୀଛାତ୍ର ଯେପରି ତାଙ୍କର ଶ୍ରେଣୀ ଭିତ୍ତିକ ମୌଳିକ ଶିକ୍ଷଣ ଦକ୍ଷତା ହାସଲ କରି ପାରିବେ ବୋଲି ମଞ୍ଚାସୀନ ଅତିଥିମାନେ ତାଙ୍କର ବକ୍ତବ୍ୟ ରଖିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁସ୍ମିତା ପାଟଯୋଶ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସହକାରୀ ଶିକ୍ଷକ ଅସୀମ ପ୍ରଧାନ ଏବଂ ସୁବାଷ ସାହୁ।



ଧନକଉଡ଼ା ବ୍ଲକସ୍ତରୀୟ ନିପୁଣ ଓଡିଶା ଲୋଗୋ ଉନ୍ମୋଚନ କରାଯାଉଛି।

# ବିଶ୍ୱ ପର୍ଯ୍ୟଟନ ଦିବସରେ ଜିଲାସ୍ତରୀୟ କୁଇଜ ପ୍ରତିଯୋଗିତା




ସମ୍ବଲପୁର ଜିଲାସ୍ତରୀୟ ପର୍ଯ୍ୟଟନ କୁଇଜ ପ୍ରତିଯୋଗିତାରେ ଅତିଥି ଓ ଛାତ୍ରୀଛାତ୍ର।

ସମ୍ବଲପୁର,୨୭।୯(ବି.ଶଙ୍କର)

ବିଶ୍ୱ ପର୍ଯ୍ୟଟନ ଦିବସ-୨୦୨୪ ଉପଲକ୍ଷେ ସମ୍ବଲପୁର ଜିଲାସ୍ତରୀୟ ପର୍ଯ୍ୟଟନ କୁଇଜ ପ୍ରତିଯୋଗିତା ଶୁକ୍ରବାର ପାନ୍ଥନିବାସ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସଦର ଉପଜିଲାପାଳ ଡ. ପୁଷ୍ପାଞ୍ଜଳୀ ପଣ୍ଡା, ଡେପୁଟି କଲେକ୍ଟର ଅଭିଷେକ କିଷାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ବଲପୁରର ଉପପର୍ଯ୍ୟଟନ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ଦଲାଇଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ବୁଦ୍ଧଦେବ ବୁଦୁଲା, ଶିବ ପ୍ରସାଦ ପାଣିଗ୍ରାହୀ ଏବଂ ଲୁଟାନ କିଷାନଙ୍କ ସହାୟତାରେ ପର୍ଯ୍ୟଟନ କୁଇଜ ପରିଚାଳିତ କରିଥିଲେ। ପର୍ଯ୍ୟଟନ ଉପରେ ନିର୍ଦ୍ଧାରିତ କୁଇଜ୍ ପ୍ରତିଯୋଗିତା ବିଦ୍ୟାଳୟସ୍ତରରେ ଅର୍ନବ ସଞ୍ଜିବ ମିଶ୍ର ସେଣ୍ଟ ଜୋସେଫ କନଭେନ୍ଟ ସ୍କୁଲ ପ୍ରଥମ ସ୍ଥାନ, ଶକ୍ତି ପ୍ରସାଦ ପଣ୍ଡା, ବିକାଶ ଦି କନସେପ୍ଟ ସ୍କୁଲ ଦ୍ୱିତୀୟ ସ୍ଥାନ, ଶୁଭଶ୍ରୀ ବାରିକ ବାଳିକା ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ମହାବିଦ୍ୟାଳୟସ୍ତରରେ ପଲ୍ଲବ ପଣ୍ଡା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ପ୍ରଥମ ସ୍ଥାନ, ପ୍ରୀତିଶ ସାହୁ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ -୧ ଦ୍ୱିତୀୟ ସ୍ଥାନ, ଶୁଭସ୍ମିତା ଦେହୁରି ବିକାଶ ଦି କନସେପ୍ଟ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

# ଅକ୍ଟୋବର ୨ରେ ଖଟେଶ୍ୱର ପାଣ୍ଡେ ସ୍ମାରକୀ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା

ସମ୍ବଲପୁର,୨୭।୯(ବି.ଶଙ୍କର)

ଓଡିଶା ମାଷ୍ଟର୍ସ ସୁଇମର୍ସ କ୍ଲବ ଆୟୋଜନରେ ୧୨ତମ ଖଟେଶ୍ୱର ପାଣ୍ଡେ ସ୍ମାରକୀ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା-୨୦୨୪ ଆସନ୍ତା ଅକ୍ଟୋବର ୨ତାରିଖରେ ସମ୍ବଲପୁରସ୍ଥିତ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ଅନୁଷ୍ଠିତ ହେବ । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟର ୩୦ଟି ଜିଲାରୁ ପ୍ରାୟ ୪ଶହ ସନ୍ତରଣବିତ ଭାଗ ନେବା କାର୍ଯ୍ୟକ୍ରମ ରହିଛି । ଏହାକୁ ଦୃଷ୍ଟିରେ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୫ ରୁ ୮୦ ବର୍ଷ ବୟସ ମଧ୍ୟରେ ୧୮ଟି ବିଭାଗରେ ଇଭେଣ୍ଟ ହେବ । ୫୦ମିଟର ଫ୍ରିଷ୍ଟାଇଲ, ବଟର ଫ୍ଲାଏ, ବେଷ୍ଟଷ୍ଟ୍ରୋକ ଓ ବେକ ଷ୍ଟ୍ରୋକ ଇଭେଣ୍ଟର କୃତି ପ୍ରତିଯୋଗୀତାର ସନ୍ତରଣବିତଙ୍କୁ ପୁରସ୍କୃତ କରାଯିବ। ଶୁକ୍ରବାର ସମ୍ବଲପୁରସ୍ଥିତ ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡିଶା ମାଷ୍ଟର୍ସ ସୁଇମର୍ସ କ୍ଲବ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ସେମାନେ ଆହୁରି କହିଥିଲେ ଯେ, ସ୍ୱର୍ଗତ ଖଟେଶ୍ୱର ପାଣ୍ଡେ ରାଜ୍ୟର ପ୍ରଥମ ସନ୍ତରଣ ପ୍ରଶିକ୍ଷକ। ତାଙ୍କ ତତ୍ତ୍ୱାବଧାନରେ ରାଜ୍ୟର ସନ୍ତରଣବିତମାନେ ଜାତୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିଲେ। ତେଣୁ ଜୀବନ ସୁରକ୍ଷା ଓ ସୁନ୍ଦର ସ୍ୱାସ୍ଥ୍ୟର ସଚେତନାର ବାର୍ତ୍ତାକୁ ନେଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ହୋଇଆସୁଛି । ଖବରଦାତା ସମ୍ମିଳନୀରେ ଓଡିଶା ମାଷ୍ଟର୍ସ ସୁଇମର୍ସ କ୍ଲବ ସଭାପତି ପ୍ରେମରଞ୍ଜନ ପ୍ରଧାନ, ସମ୍ପାଦକ ସୁନ୍ଦରମଣୀ ବାରିକ, ହରେକୃଷ୍ଣ ପଣ୍ଡା, ରାଜ୍ୟର ପ୍ରାକ୍ତନ ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାଏକ, ଜୟନ୍ତ ପାଣ୍ଡେ, ସୁରଜ ବାଗ, ଗଣେଷରାମ ପାଣିଗ୍ରାହୀ ଉପସ୍ଥିତ ଥିଲେ ।

# ଆଜିଠାରୁ ଖେଲୋ ଇଣ୍ଡିଆ କନିଷ୍ଠ ମହିଳା ସନ୍ତରଣ ପ୍ରତିଯୋଗିତା

## ଭାଗନେବେ ୫ ରାଜ୍ୟର ୮୪ ପ୍ରତିଯୋଗୀ

ସମ୍ବଲପୁର,୨୭।୯(ବି.ଶଙ୍କର)

ଓଡ଼ିଶା ରାଜ୍ୟ ସନ୍ତରଣ ଆସୋସିଏଶନ ପକ୍ଷରୁ ସେପ୍ଟେମ୍ବର ୨୮ ଓ ୨୯ ତାରିଖ ଦୁଇଦିନ ଧରି ସମ୍ବଲପୁର ସହର ସ୍ଥିତ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ଖେଲୋ ଇଣ୍ଡିଆ କନିଷ୍ଠ ମହିଳା ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭାରତୀୟ ଖେଳ ପ୍ରାଧିକରଣ ଆନୁକୂଲ୍ୟରେ ସମ୍ବଲପୁରଠାରେ ହେବାକୁ ଥିବା ପ୍ରତିଯୋଗିତାରେ ମୋଟ ୮୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପ୍ରଥମଥର ପାଇଁ ସମ୍ବଲପୁରଠାରେ ଖେଲୋ ଇଣ୍ଡିଆର କୌଣସି ଜାତୀୟ ସନ୍ତରଣ ପ୍ରତିଯୋଗିତା ହୋଇ ନ ଥିଲା। ତେଣୁ ସମ୍ବଲପୁରର ସନ୍ତରଣବିତମାନଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦିପନା ରହିଛି। ସମସ୍ତେ ମିଳିତ ଭାବେ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରକୁ ପ୍ରସ୍ତୁତ କରାଯାଇଛି । ଶୁକ୍ରବାର ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନର ସଭାପତି ପ୍ରଦୀପ କୁମାର ପାଢ଼ୀ ସୂଚନା ଦେଇଛନ୍ତି। ସେ ଆହୁରୀ କହିଥିଲେ ଯେ, ଖେଲୋ ଇଣ୍ଡିଆର କନିଷ୍ଠ ମହିଳା ସନ୍ତରଣ ପ୍ରତିଯୋଗିତାର ଜୋନ-୪ ଅନ୍ତର୍ଗତ ମଧ୍ୟପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଓଡ଼ିଶା ରାଜ୍ୟର ମୋଟ ୮୪ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ୨୦ଟି ଇଭେଣ୍ଟରେ ଫ୍ରିଷ୍ଟାଇଲ, ବଟର ଫ୍ଲାଏ, ବେଷ୍ଟଷ୍ଟ୍ରୋକ ଓ ବେକ ଷ୍ଟ୍ରୋକ ହେବ । ଖବରଦାତା ସମ୍ମିଳନୀରେ ଓଡ଼ିଶା ରାଜ୍ୟ ସନ୍ତରଣ ଆସୋସିଏଶନ କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ, ସମ୍ବଲପୁର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ, ଜିଲା ସନ୍ତରଣ ସଂଘର ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ, ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାଏକ ପ୍ରତିଯୋଗିତା ବିଭିନ୍ନ ଦିଗ ଉପରେ ସୂଚନା ପ୍ରଦାନ କରିଥିଲେ ।




ଖବରଦାତା ସମ୍ମିଳନୀରେ ରାଜ୍ୟ ଆସୋସିଏଶନର କର୍ମକର୍ତ୍ତା ପ୍ରତିଯୋଗିତା ବିଷୟରେ ସୂଚନା ଦେଉଛନ୍ତି।

# ୨ ପିକ୍ଅପ୍ ସହ ୫୦୦ ବଣ୍ଡଲ କେନ୍ଦୁପତ୍ର ଜବତ

ରେଢାଖୋଲ, ୨୭।୯(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବନକର୍ମଚାରୀ ଶୁକ୍ରବାର ଭୋରରୁ ଚଢାଉ କରି ଚୋରାଚାଲାଣ କରୁଥିବା ୨ଟି ବୋଲେରୋ ପିକଅପ୍ ଜବତ କରିବା ସହ ଉଭୟ ଗାଡ଼ିରୁ ପ୍ରାୟ ୫ଶହ ବଣ୍ଡଲ କେନ୍ଦୁପତ୍ର ଜବତ କରିଥିବା ଜଣାପଡିଛି। ତେବେ ଗୋଟିଏ ପିକଅପ୍ରୁ ୨ଜଣ ଚୋରା ଚାଲାଣକାରୀଙ୍କୁ ଗିରଫ କରିଥିବାବେଳେ ଅନ୍ୟ ପିକଅପ୍ର ଚୋରାଚାଲାଣକାରୀ ଫେରାର ହୋଇଯାଇଥିବା ଜଣାପଡିଛି। ଗିରଫ ୨ ଅଭିଯୁକ୍ତ ହେଲେ ସମ୍ବଲପୁର ଜିଲା ବରେଇପାଲି ଥାନା ଅଧିନ ଗୋପାଳପାଲିର ଅକ୍ଷୟ ସ୍ୱାଇଁ ଓ ଅନୀଲ କୁଦେଇ ବୋଲି ଜଣାପଡିଛି। ସୂଚନାମତେ ରେଢାଖୋଲ ବନଖଣ୍ଡର ବଡମାଳ ରେଞ୍ଜ ଅଧିନ ମୋଚିବାହାଲରୁ ପିକଅପ୍ ନଂ. ଓଆର ୧୫ ଆର ୩୫୭୧ ଓ ବଡବାହାଲ ରେଞ୍ଜର କେଲାକଟାରୁ ପିକଅପ୍ ନଂ. ଓଡି ୦୩ ଏସ ୯୦୩୫ ଯୋଗେ କେନ୍ଦୁପତ୍ର ଚୋରାଚାଲାଣ ହେଉଥିବା ନେଇ ଡିଏଫ୍ଓ ଅରବିନ୍ଦ ମହାନ୍ତି ସୂଚନା ପାଇ ଚଢାଉ କରିବାକୁ ଉଭୟ ରେଞ୍ଜ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବଡବାହାଲ ଓ ବଡମାଳ ରେଞ୍ଜ ଅଧିକାରୀଙ୍କ ନେତୃତ୍ୱରେ କର୍ମଚାରୀମାନେ ଚଢାଉ କରି ମୋଚିବାହାଲ ନିକଟରୁ ୨୨୦ ବଣ୍ଡଲ ଚୋରାଚାଲାଣ କରୁଥିବା ପିକଅପ୍କୁ ଜବତ କରିବା ସହ ୨ ଚୋରାଚାଲାଣକାରୀଙ୍କୁ ଗିରଫ କରିଥିଲେ। ତେବେ ବଡବାହାଲ ରେଞ୍ଜ କର୍ମଚାରୀ ଚୋରାଚାଲାଣ କରୁଥିବା ଅନ୍ୟ ଏକ ପିକଅପ୍ରୁ କେଲାକଟା ନିକଟରୁ ୨୮୧ ବଣ୍ଡଲ କେନ୍ଦୁପତ୍ର ଜବତ ଚ଼ରିଥିଲେ।

# ଝାରସୁଗୁଡାରେ ସିଆଇଆଇର ଫିନଫେଷ୍ଟ-୨୦୨୪




ସିଆଇଆଇ ଫିନ ଫେଷ୍ଟ-୨୦୨୪ରେ ମଞ୍ଚାସୀନ ଅତିଥି।

ସମ୍ବଲପୁର,୨୭।୯ (ଭବାନୀ ଶଙ୍କର ଭୋଇ)

କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି ପକ୍ଷରୁ ଝାରସୁଗୁଡାଠାରେ ଶୁକ୍ରବାର ସିଆଇଆଇ ଫିନ ଫେଷ୍ଟ--୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏମଏସଏମଇ ଏବଂ ଆର୍ଥିକ ପ୍ରତିଷ୍ଠାନ ମଧ୍ୟରେ ବ୍ୟବଧାନକୁ ଦୂର କରିବା ମୁଖ୍ୟ ଲକ୍ଷ୍ୟ ରହିଥିଲା। ଆର୍ଥିକ ସେବାକୁ ସହଜ ସୁନିଶ୍ଚିତ କରିବା ପାଇଁ ଏମଏସଏମଇ ଗୁଡ଼ିକ ପାଇଁ ଏକ କ୍ରେଡିଟ ଲିଙ୍କେଜ୍ ପ୍ରୋଗ୍ରାମ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ସିଆଇଆଇ ଓଡିଶା ତଥା ଏସଏନଏମ ଗୃପର ଅଧ୍ୟକ୍ଷ ଡ. ପ୍ରଦୀପ ମହାନ୍ତି କହିଥିଲେ ଯେ, ରାଜ୍ୟରେ ଶିଳ୍ପର ବିକାଶ ଦିଗରେ ଉପଯୋଗୀ ପରିବେଶ ସୃଷ୍ଟି କରିବା ଦିଗରେ ସିଆଇଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି। ସିଆଇଆଇ ପଶ୍ଚିମ ଓଡିଶା ଜୋନାଲ କାଉନସିଲର ଅଧ୍ୟକ୍ଷ ତଥା ଜେଏସଡବ୍ଲୁବିପିଏସଏଲର ସଭାପତି ଅନୀଲ କୁମାର ସିଂ କହିଥିଲେ ଯେ, ଓଡିଶାରେ ଧାତୁ, ଏଗ୍ରୋ ପ୍ରକ୍ରିୟାକରଣ, ବୟନ, ରାସାୟନିକ ପଦାର୍ଥ, ପର୍ଯ୍ୟଟନ, ଅକ୍ଷୟ ଶକ୍ତି, ବୈଦ୍ୟୁତିକ ଯାନ, ଆଇଟି ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଅପାର ସମ୍ଭାବନା ରହିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଝାରସୁଗୁଡାର ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ ଯେ, ରାଜନୈତିକ ଅର୍ଥନିତିର ବିକାଶ ଦିଗରେ ସିଆଇଆଇର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଉଦଘାଟନୀ ଅଧିବେଶନରେ ସିଆଇଆଇ ଓଡିଶା ରାଜ୍ୟ ପରିଷଦ ସଦସ୍ୟ ନିତିନ ମାନେକ ଏବଂ ସିଆଇଆଇ ପୂର୍ବାଞ୍ଚଳ ଷ୍ଟାର୍ଟଅପ୍ ଟାସ୍କଫୋର୍ସର ସହ ଅଧ୍ୟକ୍ଷ ସ୍ୱୟମ ପ୍ରକାଶ ବାରାଲ ପ୍ରମୁଖଙ୍କ ସହିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ରାକେଶ କୁମାର, କାନାରା ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଯୋଗେଶ ଚନ୍ଦେର,ଏସଆଇଡିବିଆଇର ଉପ ମୁଖ୍ୟ ପ୍ରବନ୍ଧକ ପ୍ରଦ୍ୟୁମ୍ନ ଚୌଧୁରୀ, ଭାରତୀୟ ଷ୍ଟେଟବ୍ୟାଙ୍କର ଉପମୁଖ୍ୟ ପ୍ରବନ୍ଧକ ସଞ୍ଜୟ ଝା ପ୍ରମୁଖ ମତାମତ ଉପସ୍ଥାପନ କରିଥିଲେ। ଏହି ଦିନିକିଆ ସିଆଇଆଇ ଫିନ ଫେଷ୍ଟ-୨୦୨୪ ସାରା ରାଜ୍ୟରେ ଶିଳ୍ପପତି, ବ୍ୟାଙ୍କ, ବିଶେଷଜ୍ଞ ଏବଂ ଏମଏସଏମଇ ସହଭାଗୀମାନଙ୍କର ଏକ ସମନ୍ୱୟ ଦେଖିବାକୁ ମିଳିଥିଲା । ଯାହା ଭବିଷ୍ୟତରେ ରାଜ୍ୟରେ ଏମଏସଏମଇ ବ୍ୟବସ୍ଥାକୁ ମଜବୁତ କରିବ ବୋଲି ଆଶା କରାଯାଉଛି ।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

**ରେଢାଖୋଲ, ୨୭।୯(ଅଚ୍ୟୁତାନନ୍ଦ ପୁରୋହିତ):** ସମ୍ବଲପୁର ଜିଲା ରେଢାଖୋଲ ଥାନା ତଣ୍ଡାବିରା ଗ୍ରାମର ପ୍ରତିମା ସାହୁ ନାମ୍ନୀ ଜଣେ ମହିଳା ଶୁକ୍ରବାର ନାଗସାପ କାମୁଡାରେ ମୃତ୍ୟୁବରଣ କରିଛନ୍ତି। ସେ ନିଜ ଚାଷ ଜମିରେ ଘାସ ବାଛୁଥିବାବେଳେ ନାଗ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ରେଢାଖୋଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିଲେ। ରେଢାଖୋଲ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ସୁରଟରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

#### ଗାଁକୁ ଫେରିଲା ମୃତଦେହ

**ବୌଦ୍ଧ,୨୭।୯( ଅଜିତ କୁମାର ବାରିକ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ବଢିଗାଁ ଗ୍ରାମର ଜଣେ ଯୁବକ ପରିବାର ପ୍ରତିପୋଷଣ ପାଇଁ ଗୁଜୁରାଟ ରାଜ୍ୟର ସୁରଟକୁ ଦାଦନ ଖଟିବାକୁ ଯାଇଥିବା ବେଳେ ସେଠାରେ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତଦେହ ଶୁକ୍ରବାର ଅପରାହ୍ଣରେ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ମୁତାବକ, ବଢିଗାଁ ଗ୍ରାମର ବାବୁଲି ଜେନା (୨୭) ଗତ ଦୁଇବର୍ଷ ହେଲା ସୁରଟର ଏକ କପଡା ମିଲରେ କାର୍ଯ୍ୟ କରି ଆସୁଥିଲେ। କିଛିଦିନ ତଳେ ସେ ଡେଙ୍ଗୁରେ ପୀଡିତ ହୋଇ ସୁରଟର ଏକ ଘରୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୨୫ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। କମ୍ପାନୀ କର୍ତ୍ତୃପକ୍ଷ ବାବୁଲିଙ୍କ ମୃତଦେହ ଏକ ଆମ୍ବୁଲାନ୍ସ ଯୋଗେ ବୌଦ୍ଧକୁ ପଠାଇ ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ବାବୁଲିଙ୍କ ମୃତଦେହ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଶ୍ରମ ଅଧିକାରୀ କନ୍ୟା କୁମାରୀ ସାହୁ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ବଢିଗାଁ ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ବାବୁଲିଙ୍କ ଅକାଳ ବିୟୋଗରେ ବଢିଗାଁ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

### ଗୋମାଂସ ଚାଲାଣ, ଜଣେ ଗିରଫ

**ରାଉରକେଲା,୨୭।୯(ସଙ୍ଗୀତା ଜେନା):** ଉଦିତନଗର ଥାନା ଅନ୍ତର୍ଗତ ଆର୍‌ଏମ୍‌ସି ଛକରେ ଗୋମାଂସ ଚାଲାଣ ବେଳେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ନାଲାରୋଡ ହସନ୍ ସ୍କୁଲ ଗଳିର ଏମ୍‌ଡ଼ି ଜାଫର(୪୩)। ଏ ନେଇ ଏକ ମାମଲା(ନଂ.୩୪୪/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ସ୍କୁଟିରେ ପ୍ରାୟ ୪୦ କେଜି ଗୋମାଂସ ଧରି ନାଲାରୋଡରୁ ପାନପୋଷକୁ ଯାଉଥିଲେ। ଆର୍‌ଏମ୍‌ସି ଛକରେ ହଠାତ୍ ତାଙ୍କ ସ୍କୁଟି ଅନ୍ୟ ଏକ ସ୍କୁଟିକୁ ଧକ୍କା ଦେଇ ପଡ଼ିଯାଇଥିଲା। ଫଳରେ ଅଭିଯୁକ୍ତଙ୍କ ସ୍କୁଟିରୁ ଗୋମାଂସ ବାହାରି ରାସ୍ତାରେ ବିଛାଡି ହୋଇପଡ଼ିବାରୁ ଘଟଣା ସାମ୍ନାକୁ ଆସିଥିଲା।

# ଭିଣୋଇଙ୍କୁ ହତ୍ୟା କରିଥିଲେ ଶାଳକ

- ଛେଣ୍ଡ ପେଟ୍ରୋଲ ପମ୍ପ ହତ୍ୟାକାଣ୍ଡ ଘଟଣା
- ସିନ୍ ରିକ୍ରିଏଟ୍ କଲା ପୋଲିସ
- ପୋଲିସଠାରୁ ବର୍ତ୍ତିବା ପାଇଁ କହିଥିଲେ ମନଗଢ଼ା କାହାଣୀ

**ରାଉରକେଲା,୨୭।୯(ସଙ୍ଗୀତା ଜେନା)**



ପୋଲିସ ଘଟଣାସ୍ଥଳରେ ସିନ୍ ରିକ୍ରିଏଟ୍ କରୁଛି।

ରାଉରକେଲା ସହରରେ ଘଟିଥିବା ଏକ ହତ୍ୟାକାଣ୍ଡର ପର୍ଦ୍ଦାଫାସ ହୋଇଛି। ଏହି ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମାଲଗୋଦାମ ଅଞ୍ଚଳର ମହମ୍ମଦ ଆମିର(୨୮)। ସେ ହତ୍ୟା କରିଥିବା ସ୍ୱୀକାର କରିବା ପରେ ଶୁକ୍ରବାର ଘଟଣାସ୍ଥଳରେ ସିନ୍ ରିକ୍ରିଏଟ୍ କରାଯାଇଥିଲା। ସେହିପରି ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ଉପସ୍ଥିତିରେ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଇଛି। ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ରଙ୍କ ନେତୃତ୍ୱରେ ଜୋନ୍-୧ ଡିଏସ୍‌ପି ପୁଷ୍ପରାଣୀ ନିନ୍‌ଗୀ ଓ କ୍ରାଇମ୍ ଏକ୍ସପର୍ଟମାନେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ସେଦିନର ହତ୍ୟାକାଣ୍ଡ ସମ୍ପର୍କରେ ପଚାରିଥିଲେ।

ଅତିରିକ୍ତ ଏସ୍‌ପି ମିଶ୍ର ସୂଚନା ଦେଇ କହିଥିଲେ, ବୁଧବାର ସନ୍ଧ୍ୟାରେ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଚକ୍ରଧରପୁର ନିବାସୀ ମହମ୍ମଦ ସାକିର ଓ ତାଙ୍କ ଶାଳକ ମହମ୍ମଦ ଆମିର ଏକ ବାଇକ୍‌ରେ କଳ୍ପତରୁ ଆଶ୍ରମ ରୋଡ୍‌କୁ ଆସିଥିଲେ। ଉଭୟଙ୍କ ମଧ୍ୟରେ ପୂର୍ବରୁ କୌଣସି କାରଣରୁ ବିବାଦ ରହିଥିଲା। ସେଠାରେ ଆମିର ସାକିରଙ୍କୁ ପଥରରେ ଛେଚି ହତ୍ୟା କରିବା ପରେ ଏକ ଛୁରିରେ ନିଜ ଗଳାକାଟି ଦେଇଥିଲେ। ପରେ ପୋଲିସଠାରୁ ବର୍ତ୍ତିବା ପାଇଁ ୩ଜଣ ଦୁର୍ବୃତ୍ତ ଧାରୁଆ ଛୁରିରେ ହତ୍ୟା କରିଥିବା କାହାଣୀ ରଚିଥିଲେ। ତେବେ ଆମିର ହତ୍ୟା କରିଥିବା ସ୍ୱୀକାର କରିଥିବାରୁ ତାଙ୍କୁ ତଦନ୍ତରେ ସାମିଲ କରାଯାଇଛି ବୋଲି ମିଶ୍ର କହିଥିଲେ। ଅପରପକ୍ଷେ ଅଭିଯୁକ୍ତ ଆମିର କହିଛନ୍ତି, କୌଣସି ଘଟଣାକୁ ନେଇ କିଛି ଲୋକଙ୍କ ସହ ମିଶି ଭିଣୋଇ ସାକିର ତାଙ୍କୁ ମାରିବାକୁ ଚାହୁଁଥିଲେ। ତେବେ ଅନିଚ୍ଛା ସତ୍ତ୍ୱେ ସେ ଯୋଜନାବଦ୍ଧ ଭାବେ ବାଇକ୍‌ରେ ବୁଲାଇବାକୁ ଆଣି ପଟ୍ରୋଲ ପମ୍ପ ନିକଟ କଳ୍ପତରୁ ଆଶ୍ରମ ରୋଡ୍ ଜଙ୍ଗଲରେ ତାଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ। ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରି ଗଳାକାଟି ଦେଇଥିଲେ। ଜୀବନ ବଞ୍ଚାଇବା ପାଇଁ ଜଙ୍ଗଲ ବାହାରକୁ ଆସି ଉକ୍ତ କାହାଣୀ ଶୁଣାଇବା ସହ ନିଜେ ଅଚେତ ହୋଇଯାଇଥିଲେ। ଭଉଣୀ ଭିଣୋଇଙ୍କୁ ସେ ବହୁତ ଶ୍ରଦ୍ଧା କରୁଥିଲେ। ତେବେ ଭିଣୋଇଙ୍କ ବିଶ୍ୱାସଘାତକତା ଯୋଗୁ ତାଙ୍କୁ ହତ୍ୟା କରିଥିବା ଆମିର କହିଥିଲେ। ଉଲ୍ଲେଖନୀୟ, ଏହି ହତ୍ୟା ଘଟଣା ପରେ ମୃତକଙ୍କ ଭାଇ ଓ ବାପା ସେକ୍ଟର-୭ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୭୦/୨୪) ରୁଜୁ କରିଥିଲା। ଦ୍ରୁତ କାରବାରକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ଆଲୋଚନା ହେଉଛି।

## ସ୍କୁଲରେ ତାଲା ପକାଇ ଗ୍ରାମବାସୀଙ୍କ ଧାରଣା



ବିଦ୍ୟାଳୟ ଆଗରେ ଆନ୍ଦୋଳନରତ ଗ୍ରାମବାସୀ।

**ତୁଣ୍ଡଲା,୨୭।୯(ଫିରୋଜ କୁମାର ଦାଶ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ବେଲଖଣ୍ଡି ପଞ୍ଚାୟତ ତାଲଭଅଁରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ଡେପୁଟେଶନରେ ଅନ୍ୟ ବିଦ୍ୟାଳୟକୁ ପଠାଯାଇଛି। ଏହାକୁ ବିରୋଧକରି ଶୁକ୍ରବାର ସ୍କୁଲ ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅଭିଭାବକ ତଥା ଗ୍ରାମବାସୀ ବିଦ୍ୟାଳୟ ମୁଖ୍ୟ ଗେଟ୍‌ରେ ତାଲା ପକାଇ ଧାରଣା ଦେଇଥିଲେ। ଏହି ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୬୮ ଜଣ ଓ ୬ଷ୍ଠରୁ

### ଶିକ୍ଷୟିତ୍ରୀଙ୍କ ଡେପୁଟେଶନ ବାତିଲ ଦାବି

୮ମ ଶ୍ରେଣୀ ପର୍ଯ୍ୟନ୍ତ ୪୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୩୦ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଲେଖାଏଁ ଶିକ୍ଷକ ନିଯୁକ୍ତି ଦେବାର ନିୟମ ରହିଛି। ତଦନୁଯାୟୀ ୧୦୮ ଛାତ୍ରୀଛାତ୍ରଙ୍କ ପାଇଁ ୪ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ଏଥିମଧ୍ୟରୁ ଜଣେ ଶିକ୍ଷୟିତ୍ରୀଙ୍କୁ ନିକଟସ୍ଥ ବେଲଖଣ୍ଡି ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଛି। ଏହାକୁ ନେଇ ବିଦ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏଥିରେ ବିଦ୍ୟାଳୟ କମିଟି ସଦସ୍ୟ ମାର୍କଣ୍ଡ ଭୋଇ, କୈଳାସ ସିଂ, ତୁଲ ଭୋଇ, ତରୁଲତା ନାଗ, ପୁଷ୍ପାଞ୍ଜଳି ଭୋଇଙ୍କ ସମେତ ଅଭିଭାବକମାନେ ସାମିଲ ହୋଇଥିଲେ। ପରିଚାଳନା କମିଟି ସଭାପତି ସାହୁ ଏ ନେଇ କେସିଙ୍ଗା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଆସନ୍ତା ମାସ ୬ ତାରିଖ ଭିତରେ ପୁଣି ଥରେ ଶିକ୍ଷୟିତ୍ରୀଙ୍କୁ ସେହି ବିଦ୍ୟାଳୟକୁ ଫେରାଇ ଅଣାଯିବ ଏବଂ ଆଉ ଜଣେ ନୂତନ ଶିକ୍ଷକ ଦେବା ପାଇଁ ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକେ

**ଗୋଲାମୁଣ୍ଡା,୨୭।୯ (ବଟ କୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅଞ୍ଚଳର ଜଣେ ଯୁବକ ଆକ୍ରମଣର ଶିକାର ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ନ୍ୟାୟ ନ ପାଇବାରୁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁସାରେ ବୃନ୍ଦବାହାଲ ଗ୍ରାମର ସୌରଭ କୁମାର ରାଉତ ଗତ ୨୧ତାରିଖରେ ବାଇକ୍ ଯୋଗେ ଗୋଲାମୁଣ୍ଡା ତହସିଲକୁ ଆସୁଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ତାଙ୍କ ଗାଡିର ପେଟ୍ରୋଲ ସରିଯିବା ବାହାନା ଦେଖାଇ ତାଙ୍କୁ ଗାଡ଼ିରେ ନେବାକୁ ସାହାଯ୍ୟ ମାଗିଥିଲେ। ଉଭୟ ବାଇକ୍‌ରେ ଆସୁଥିବାବେଳେ ଚଞ୍ଚରାମୁଣ୍ଡା ନିକଟରେ ବ୍ୟକ୍ତି ଜଣକ ସୌରଭଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବିଶାଖାପାଟଣା ନେଇଥିଲେ। ସେଠାରେ ଏକ ଚିକିତ୍ସାଳୟରେ ସେ ଚିକିତ୍ସିତ ହେଉଛନ୍ତି। ଏ ନେଇ ପରିବାର ଲୋକେ ଗୋଲାମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୫ଦିନ ପରେ ବି ଆସାମୀଙ୍କୁ ପୋଲିସ ଧରିବାରେ ବିଫଳ ହୋଇଥିବାରୁ ସେମାନେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି।

## ଝରେଇବାହାଲିରୁ ଶ୍ରମିକ ଚାଲାଣ: ୩ ଗିରଫ

**ଦେଓଗାଁ,୨୭।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**


ଦେଓଗାଁ ଥାନା ପରିସରରେ ଉଦ୍ଧାର ହୋଇଥିବା ଶ୍ରମିକ ଓ ଅନ୍ୟମାନେ।

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ଝରେଇବାହାଲିରୁ ଶ୍ରମିକ ଚାଲାଣ ବେଳେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଥିବା ଜଣାପଡିଛି । ଗିରଫ ବ୍ୟକ୍ତିମାନେ ହେଲେ ଝରେଇବାହାଲିର ହିମାଂଶୁ ଷାଣ୍ଢ , ଏକାଦଶୀ ମଲ୍ଲିକ ଓ ଡ୍ରାଇଭର ଅଶୋକ ପ୍ରଧାନ । ଶନିବାର ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି । ଶ୍ରମିକଙ୍କୁ ଚାଲାଣ ବେଳେ ବ୍ୟବହୃତ ବୋଲେରୋ ଜବତ କରାଯାଇଛି ।

ପ୍ରକାଶ ଯେ, ଶୁକ୍ରବାର ଝରେଇବାହାଲିରୁ ୨ଟି ଶ୍ରମିକ ପରିବାରର ୧୦ଜଣଙ୍କୁ ୨ଜଣ ଦଲାଲ ଏକ ବୋଲେରୋ (ନଂ ଓଡି ୦୩ଡି ୨୧୪୦)ରେ ବସାଇ କଣ୍ଟାବାଞ୍ଜି ଅଭିମୁଖେ ନେଉଥିବା ବେଳେ ଝରେଇବାହାଲି ନିକଟରେ ପୋଲିସ ସନ୍ଦେହରେ ଗାଡିକୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ଶ୍ରମିକ ଚାଲାଣ ହେବା ଜାଣିବାକୁ ପାଇଥିଲା । ସେଠାରୁ ସମସ୍ତଙ୍କୁ ଦେଓଗାଁ ଥାନାକୁ ଆଣି ପଚାରାଉଚୁରା ବେଳେ ଅଭିଯୁକ୍ତମାନେ ଶ୍ରମିକ ଚାଲାଣ କରୁଥିବା ସ୍ୱୀକାର କରିଥିଲେ । ଏଠାରୁ କଣ୍ଟାବାଞ୍ଜିର ଜଣେ ସର୍ଦ୍ଦାରଙ୍କ ନିକଟକୁ ଯାଉଥିଲୁ ବୋଲି କହିଥିଲେ । ପୁଣି ଶ୍ରମିକମାନେ

### ବୋଲେରୋ ଜବତ

ଗିରଫ ହୋଇଥିବା ଦଲାଲମାନଙ୍କ ଠାରୁ ହାଇଦ୍ରାବାଦର ଏକ ଇଟାଭାଟିକୁ କାମ କରିଯିବା ପାଇଁ ୨୦ ହଜାର ଟଙ୍କା ଲେଖାଏ ଅଗ୍ରୀମ ଭାବେ ବଇନା ନେଇଥିବା କହିଥିଲେ । ଦେଓଗାଁ ଓ ସଦର ବ୍ଲକ ଅଞ୍ଚଳରୁ ପ୍ରତିବର୍ଷ ଏହି ସମୟରେ ଶହ ଶହ ଶ୍ରମିକ ଚାଲାଣ ହେଉଥିବା ବେଳେ କେବେ ମଧ୍ୟ ପୋଲିସ ଏମାନଙ୍କୁ ଧରିବାରେ ସଫଳ ହେଉ ନ ଥିଲା । ଚଳିତବର୍ଷ ଦେଓଗାଁ ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନାଧିକାରୀ ଏକ ସ୍କ୍ୱାଡ୍ ଗଠନ କରିଥିଲେ । ଆଗାମୀ ଦିନରେ ଶ୍ରମିକ ଚାଲାଣ ଉପରେ ସ୍ଥାନୀୟ ପୋଲିସ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଚିତ୍ତରଞ୍ଜନ


@ ରାମ କୁମାର


@ ସମ୍ବିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ୱଶୁର ହତ୍ୟାକାରୀ ଜ୍ୱାଇଁ ଗିରଫ

### ଟାଙ୍ଗିଆ ଜବତ

**ନାକଟିଦେଉଳ, ୨୭।୯(ବୈକୁଣ୍ଠନାଥ ସାହୁ)**



ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ଲୁଇସିଂ ଗ୍ରାମରେ ଗତ ୨୪ ତାରିଖ ରାତିରେ ଘଟିଥିବା ହତ୍ୟା ଘଟଣାରେ କିସିଣ୍ଡା ପୋଲିସ ସମ୍ପୃକ୍ତ ହତ୍ୟାକାରୀ ଜ୍ୱାଇଁଙ୍କୁ ଗିରଫ କରି ଶୁକ୍ରବାର ରେଢ଼ାଖୋଲ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କିସିଣ୍ଡା ଥାନା ଅନ୍ତର୍ଗତ ଖଣ୍ଡିଆମୁଣ୍ଡା ଗ୍ରାମର ଅମୀର ମୁଣ୍ଡା (୨୮)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଲୁଇସିଂ ଗ୍ରାମ ମୁଣ୍ଡାସାହିର ଲବ ମୁଣ୍ଡାଙ୍କ ୪ ଜଣ ଝିଅ ଥିବାବେଳେ ସେମାନେ ପୂର୍ବରୁ ବାପାଙ୍କ ଅନିଚ୍ଛା ସତ୍ତ୍ୱେ ଅନ୍ୟତ୍ର ବିବାହ କରିଥିଲେ। ସ୍ତ୍ରୀ ମଧ୍ୟ ଆଜକୁ ଦୀର୍ଘ ୨ ବର୍ଷରୁ ଅଧିକ ହେବ ଅନ୍ୟତ୍ର ଚାଲି ଯାଇଛନ୍ତି। ବର୍ତ୍ତମାନ ଲବ ଘରେ ଏକୁଟିଆ ରହୁଥିଲେ। ତେବେ ତାଙ୍କର ଖଣ୍ଡିଆମୁଣ୍ଡା ଗ୍ରାମର ଜ୍ୱାଇଁ ଅମୀର ସହିତ ସମ୍ପର୍କ ଭଲ ନ ଥିଲା। ଅମୀର ବିଭିନ୍ନ ସମୟରେ ଲୁଇସିଂ ଗ୍ରାମକୁ ଆସି ଶ୍ୱଶୁର ସହିତ କଳିଝଗଡା କରୁଥିଲେ। ଗତ ୨୪ ତାରିଖ ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ଅମୀର ଶ୍ୱଶୁର ଘରକୁ ଆସିଥିଲେ। ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିବାବେଳେ ଏଥିରେ ଉତ୍ତକ୍ଷିପ୍ତ ହୋଇ ଅମୀର ଶ୍ୱଶୁର ଲବଙ୍କ ମୁଣ୍ଡକୁ ଟାଙ୍ଗିଆରେ ଆକ୍ରମଣ କରି ସେଠାରୁ ଫେରାର ହୋଇଯାଇଥିଲେ। ଜ୍ୱାଇଁଙ୍କ ଟାଙ୍ଗିଆ ଚୋଟରେ ଲବଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣା ୨୫ ତାରିଖ ସକାଳୁ ଜଣାପଡିବା ପରେ ମୃତ ଲବଙ୍କ ପୁତୁରା ଗୋବିନ୍ଦ ଏ ନେଇ କିସିଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଏ ନେଇ ଏକ ହତ୍ୟା ମାମଲା (ନଂ.୬୯/୨୦୨୪) ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ପୋଲିସ ଏହି ହତ୍ୟା ଘଟଣାରେ ଅଭିଯୁକ୍ତ ଅମୀରଙ୍କୁ ଗୁରୁବାର ଅପରାହ୍ଣରେ ଖଣ୍ଡିଆମୁଣ୍ଡା ଘରୁ ଗିରଫ କରିଥିଲା। ପୋଲିସ ଏହି ଘଟଣାରେ ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଥିବାବେଳେ ଗିରଫ ଅମୀରଙ୍କୁ ରେଢ଼ାଖୋଲ କୋର୍ଟ ଚାଲାଣ କରାଯାଇଛି ବୋଲି କିସିଣ୍ଡା ଥାନା ଅଧିକାରୀ ଅଞ୍ଜଳୀ କୁମ୍ଭାର ପ୍ରକାଶ କରିଛନ୍ତି ।

## ହୁଡଦଙ୍ଗ ହୋଟେଲ ଆଣ୍ଡ ବାର୍ ସିଲ୍

**ରାଉରକେଲା,୨୭।୯(ସଙ୍ଗୀତା ଜେନା)**

ଗତ ୨୨ ତାରିଖରେ ରାଉରକେଲାରେ ହୋଇଥିବା ନାବାଳିକା ଗଣବଳାତ୍କାର ମାମଲାରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆଗେଇଛି। ଶୁକ୍ରବାର ସନ୍ଧ୍ୟାରେ ପୋଲିସ ଏବଂ ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ସିଭିଲଟାଉନଶିପ୍‌ରେ ଥିବା ସମ୍ଭ୍ରାନ୍ତ ହୋଟେଲ୍ ଆଣ୍ଡ ବାର୍ ହୁଡଦଙ୍ଗକୁ ସିଲ୍ କରାଯାଇଛି। ମାଜିଷ୍ଟ୍ରେଟ୍ ଗୋପବନ୍ଧୁ ନାୟକଙ୍କ ଉପସ୍ଥିତିରେ ଏହାକୁ ସିଲ୍ କରାଯାଇଥିଲା। ଏ ନେଇ ଅତିରିକ୍ତ ଏସ୍‌ପି ପ୍ରଭାଶଙ୍କର ନାୟକ କହିଛନ୍ତି, ଗତ ୨୨ ତାରିଖରେ ନାବାଳିକା ଗଣବଳାତ୍କାର ମାମଲା ରଘୁନାଥପାଲୀ ଥାନାରେ ରୁଜୁ ହୋଇଥିଲା। ତଦନ୍ତ ସମୟରେ ଉକ୍ତ ନାବାଳିକା ଏହି ହୁଡଦଙ୍ଗ ହୋଟେଲ ଆଣ୍ଡ ବାର୍‌ରେ ଆସି ଲିଫ୍ଟରେ ଓହ୍ଲାଇବା ପରେ ଅଭିଯୁକ୍ତମାନେ ତାଙ୍କୁ ଅପହରଣ କରିନେଇଥିଲେ। ତଦନ୍ତ ପାଇଁ ଏହାକୁ ପ୍ରଥମେ ସିଲ୍ କରାଯାଉଛି। ତେବେ ଅନ୍ୟ


ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ହୋଟେଲକୁ ସିଲ୍ କରାଯାଉଛି।

### ନାବାଳିକା ଗଣବଳାତ୍କାର ମାମଲା

ବାର୍ ଓ ହୋଟେଲର ସମ୍ପୃକ୍ତି ଆସିଲେ ତାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ନାୟକ କହିଥିଲେ। ସେହିପରି ଡିଆଇଜି ବ୍ରିଜେଶ ରାୟ କହିଛନ୍ତି, ସହରରେ ଚାଲିଥିବା ବେଆଇନ ବାର୍ ସମ୍ପର୍କରେ ସୂଚନା ପାଇବା ପରେ ଚଢ଼ାଉ କରାଯାଇଛି। ବିଶେଷତଃ ନାବାଳିକା ଗଣବଳାତ୍କାର ମାମଲା ଉକ୍ତ ବାର୍‌ରୁ ଆରମ୍ଭ ହୋଇଥିଲା। ତଦନ୍ତରେ ଏହା ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଯାହାଦ୍ୱାରା ମାମଲାରେ ପୀଡ଼ିତାଙ୍କୁ ନ୍ୟାୟ ମିଳିବା ସହଜ ହେବ ବୋଲି ଡିଆଇଜି ରାୟ ଶୁକ୍ରବାର ସନ୍ଧ୍ୟାରେ ଗଣମାଧ୍ୟମକୁ କହିଛନ୍ତି। ସୂଚନାଯୋଗ୍ୟ, ନାବାଳିକାଙ୍କୁ ଏଠାରୁ ନେଇ କୁଆଡେ ୫ ଜଣ ଟ୍ରାଫିକ ଗେଟ୍ ଅଞ୍ଚଳରେ ଥିବା ଏକ ପାର୍କରେ ଗଣବଳାତ୍କାର କରିଥିଲେ।

## ଅନ୍ୟ ଜାତିରେ ବିବାହ କରିଥିବାରୁ ଛୁଇଁଲେନି ମୃତଦେହ

**ଅମରପାଲି,୨୭।୯(ପୀତାମ୍ବର ସାହୁ)**

- ୧୨ ଘଣ୍ଟା ପଡ଼ିରହିବା ପରେ ସାମାଜିକ ସଙ୍ଗଠନ ସଦସ୍ୟ କଲେ ଅନ୍ତିମ ସତ୍କାର
- ପୂର୍ବରୁ ତାଙ୍କ ସ୍ୱାମୀଙ୍କ ଅନ୍ତିମ ସତ୍କାର ବି ସ୍ୱେଚ୍ଛାସେବୀମାନେ କରିଥିଲେ

ଅନ୍ୟ ଜାତିରେ ବିବାହ କରିଥିଲେ ବୋଲି ମୃତ୍ୟୁ ପରେ କେହି ବି ଛୁଇଁଲେନାହିଁ ମୃତଦେହ। ନୀରବଦ୍ରଷ୍ଟା ସାଜିଲେ ଜ୍ଞାତିକୁଟୁମ୍ବ, ବନ୍ଧୁବାନ୍ଧବ ଓ ଗ୍ରାମବାସୀ। ଶେଷରେ ସାମାଜିକ ସଙ୍ଗଠନର ସ୍ୱେଚ୍ଛାସେବୀମାନେ ଆସି ମୃତଦେହକୁ ନେଇ ଅନ୍ତିମ ସତ୍କାର କରିଛନ୍ତି। ଏଭଳି ଏକ ଘଟଣା ଘଟିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର ଚିଙ୍ଗିରାନାଲି ଗ୍ରାମରେ। ଗ୍ରାମର ସୁମିତ୍ରା ପଧାନ (୮୫) ଗୁରୁବାର ସକାଳୁ ମୃତ୍ୟୁବରଣ କରିଥିଲେ। ସେ ଅନ୍ୟ ଜାତିରେ ବିବାହ କରିଥିବାରୁ ଜାତିପ୍ରଥା ଯୋଗୁ ତାଙ୍କୁ ଜାତି ସମାଜରୁ ବାସନ୍ଦ କରାଯାଇଥିଲା। ମହିଳା ଜଣକ ତାଙ୍କ ସ୍ୱାମୀ ବେଦ ପଧାନଙ୍କ ସହ ଚିଙ୍ଗିରାନାଲିର ଗାଁ ମୁଣ୍ଡରେ ଘର କରି ରହିଥିଲେ। ଗତ ମାର୍ଚ୍ଚ ୨୭ରେ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ମଧ୍ୟ ଜାତି ସମାଜର କଟକଣା ଯୋଗୁ କେହି ମୃତଦେହ ଛୁଇଁ ନ ଥିଲେ। ଘରେ ପ୍ରାୟ ୧୦ ଘଣ୍ଟା ମୃତଦେହ ପଡ଼ି ରହିବା ପରେ ବିନିକାର ଏଚ୍‌ଟୁଓ ସାମାଜିକ ସଙ୍ଗଠନର ସଦସ୍ୟମାନେ ଅନ୍ତିମ ସତ୍କାର କରିଥିଲେ। ସେହିଦିନଠାରୁ ବୃଦ୍ଧା ଜଣକ ଏକୁଟିଆ ଘରେ ରହୁଥିଲେ। ସେମାନଙ୍କର କୌଣସି ସନ୍ତାନ ନାହାନ୍ତି। ମାସିକ ଭତ୍ତା ଓ ପାଞ୍ଚ କେଜି ଚାଉଳ ବ୍ୟତୀତ ଆଉ କୌଣସି ସହାୟତା ପାଉ ନ ଥିଲେ। ଏଣୁ ଅନେକ ସମୟରେ ସେ ଭୋକଉପାସରେ ରହୁଥିଲେ। ଗାଁର କିଛି ଲୋକେ କେବେ କେମିତି କିଛି ଖାଇବାକୁ ଦେଉଥିଲେ। ତେବେ ଗୁରୁବାର ବୃଦ୍ଧାଙ୍କ ମୃତ୍ୟୁ ପରେ ଜାତି ସମାଜର କୁସଂସ୍କାର ଯୋଗୁ କେହି ବି ମୃତଦେହକୁ ଛୁଇଁଲେନାହିଁ। ଫଳରେ ଦୀର୍ଘ ୧୨ ଘଣ୍ଟା ଧରି ମୃତଦେହ ଘରେ ପଡ଼ି ରହିଥିଲା। ଶେଷରେ ଖବର ପାଇ ରାତି ୧୦ଟା ୩୦ରେ ସୋନପୁରର ବୁଢ଼ାରଜା ସାମାଜିକ ସଙ୍ଗଠନ ଓ ଖଣ୍ଡହତାର ସିୟା ସଙ୍ଗଠନର ସଭ୍ୟମାନେ ଆସି ମୃତଦେହକୁ ନେଇ ସୋନପୁରସ୍ଥିତ ମହାନଦୀ କୂଳ ରାମେଶ୍ୱର ଘାଟରେ ରୀତିନୀତିମତେ ଅନ୍ତିମ ସତ୍କାର କରିଛନ୍ତି। ବୁଢ଼ାରଜା ସାମାଜିକ ସଙ୍ଗଠନର ସଭାପତି ଶିବଶଙ୍କର ନାଏକ, କପିଳେଶ୍ୱର ପାତ୍ର, ମନୋଜ ସେଠ, ଦିଲ୍ଲୀପ ବେହେରା ଏବଂ ସିୟା ସଙ୍ଗଠନର ସଭାପତି ଦିଲ୍ଲୀପ କୁମାର ପଧାନ, ସମ୍ପାଦକ ସୁଦାମ ଗାଇଗରିଆ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ ଭୋଇ, ବରିଷ୍ଠ ସଭ୍ୟ ପ୍ରମୋଦ ପଣ୍ଡା ପ୍ରମୁଖ ଅନ୍ତିମ ସତ୍କାରରେ ସାମିଲ ଥିଲେ। ଏନେଇ ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନର ସଭାପତି ଉକ୍ତ ଘଟଣାକୁ ନିନ୍ଦା କରିଛନ୍ତି। ଆଧୁନିକ ସମାଜରେ ଏଭଳି କୁସଂସ୍କାର ନିନ୍ଦନୀୟ, ମୃତଦେହ ଦୀର୍ଘ ସମୟ ପଡ଼ିରହିବା ଲଜ୍ଜାଜନକ ବୋଲି କହିଛନ୍ତି। ଏନେଇ ବୀରମହାରାଜପୁର ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କୁ ପଚାରିବାରୁ ଏନେଇ ଆମକୁ ପଞ୍ଚାୟତ ତରଫରୁ ବା ଅନ୍ୟ କୌଣସି ସୂତ୍ରରୁ ସୂଚନା ଦିଆଯାଇନାହିଁ ବୋଲି କହିବା ସହ ସ୍ୱେଚ୍ଛାସେବୀଙ୍କୁ ସାଧୁବାଦ ଜଣାଇଛନ୍ତି।

